

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୧ ଏପ୍ରିଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 01 APRIL 2021

Vol.No. 32 ■ No. 85 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆଜି ଆଉ ୨୯୭ ନୂଆ ଆକ୍ରାନ୍ତ ଚିହ୍ନଟ : ସଙ୍ଗରୋଧରୁ ୧୭୪ ଓ ସ୍ଥାନୀୟ ଅଞ୍ଚଳରୁ ୧୨୩

ଭୁବନେଶ୍ୱର,୩୧/୦୩ (ନି.ପ୍ର): ବଢ଼ି ବଢ଼ି ଚାଲିଛି କରୋନା ମିଟର୍ । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପୁଣି ୨୯୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୭୪ ଜଣ ସଂଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୨୩ ଜଣ ସ୍ଥାନୀୟ ସଂକ୍ରମିତ । ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ୪୦ ହଜାର ୯୧୭ରେ ପହଞ୍ଚିଛି । ଏବେ ସୁଦ୍ଧା ସୁସ୍ଥ ହୋଇ ସାରିଲେଣି ୩ ଲକ୍ଷ ୩୬ ହଜାର ୯୩୦ ଜଣ । ଏବେ ବି ସକ୍ରିୟ ଅଛନ୍ତି ୨୦୧୩ ଜଣ। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬ ଜଣ, ବରଗଡ଼ରୁ ୧୮ ଜଣ, ଭଦ୍ରକରୁ ୨ ଜଣ, ବଲାଙ୍ଗୀରରୁ ୫ ଜଣ, କଟକରୁ ୧୭ ଜଣ, ଢେଙ୍କାନାଳରୁ ଜଣେ, ଗଞ୍ଜାମରୁ ୭ ଜଣ, ଜଗତ୍‌ସିଂହପୁରରୁ ୨ ଜଣ, ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୫ ଜଣ, କଳାହାଣ୍ଡିରୁ ୫୭ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, କେନ୍ଦୁଝରରୁ ୧୨ ଜଣ, ଖୋର୍ଦ୍ଧାରୁ ୩୩ ଜଣ, କୋରାପୁଟରୁ ୫ ଜଣ, ମୟୂରଭଞ୍ଜରୁ ୭ ଜଣ, ନବରଙ୍ଗପୁରରୁ ୩ ଜଣ, ନୟାଗଡ଼ରୁ ୨ ଜଣ, ନୂଆପଡ଼ାରୁ ୩୧ ଜଣ, ପୁରୀରୁ ୬ ଜଣ, ସମ୍ବଲପୁରରୁ ୧୭ ଜଣ, ସୋନପୁରରୁ ୩ ଜଣ, ସୁନ୍ଦରଗଡ଼ରୁ ୩୮ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ରମାଦେବୀ ଅଧ୍ୟାପକଙ୍କୁ କରୋନା

ଭୁବନେଶ୍ୱର, ୩୧ ମାର୍ଚ୍ଚ – ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅଧ୍ୟାପକଙ୍କ ସଂସ୍ପର୍ଶରେ ଆସିଥିବା ଛାତ୍ରୀ ଓ କର୍ମଚାରୀଙ୍କର ଆସନ୍ତାକାଲି କରୋନା ପରୀକ୍ଷା କରାଯିବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ଅପରାଜିତା ଚୌଧୁରୀ ସୂଚନା ଦେଇଛନ୍ତି।

ଏପ୍ରିଲ ୨୨ରୁ ଚାଲିବ ପୁରୀ-ଗୁଣୁପୁର ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୩୧/୦୩(ନି.ପ୍ର): ଏପ୍ରିଲ ମାସ ୨୨ ତାରିଖ ଠାରୁ ପୁରୀରୁ ଏବଂ ୨୩ ତାରିଖ ଠାରୁ ଗୁଣୁପୁରରୁ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ ଟ୍ରେନ୍ ଚଳାଚଳ କରାଇବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ୦୮୪୧୭ ପୁରୀ-ଗୁଣୁପୁର ସ୍ପେଶାଲ୍ ପୁରୀରୁ ଏପ୍ରିଲ ମାସ ୨୨ ତାରିଖ ଠାରୁ ପ୍ରତ୍ୟହ ପୂର୍ବାହ୍ନ ୯ଟା୩୦ମି.ରେ ଛାଡି ଗୁଣୁପୁର ଠାରେ ରାତ୍ର ୮ଟା୫୦ମି.ରେ ପହଂଚିବାକୁ ଥିବାବେଳେ ଫେରିବା ମାର୍ଗରେ ୦୮୪୧୮ ଗୁଣୁପୁର-ପୁରୀ ସ୍ପେଶାଲ୍ ଗୁଣୁପୁର ଠାରୁ ଏପ୍ରିଲ ମାସ ୨୩ ତାରିଖ ଠାରୁ ପ୍ରତ୍ୟହ ସକାଳ ଛଅ ଟାରେ ଛାଡି ପୁରୀ ଠାରେ ଅପରାହ୍ନ ୩ଟା୪୫ମି.ରେ ପହଂଚିବ।

▶▶ପୃଷ୍ଠା ୭

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ହଟ୍ ସିଟ୍ ପାଲଟିଛି ନନ୍ଦୀଗ୍ରାମ

ମୁଖ୍ୟମନ୍ତ୍ରୀ ମମତା, ପୂର୍ବମନ୍ତ୍ରୀ ଶୁଭେନ୍ଦୁଙ୍କୁ ଟକ୍କର ଦେଉଛନ୍ତି ଯୁବନେତ୍ରୀ ମିନାକ୍ଷୀ

ପଶ୍ଚିମବଙ୍ଗ,୩୧/୦୩: ପଶ୍ଚିମବଙ୍ଗରେ ଚାଲିଥିବା ବିଧାନସଭା ନିର୍ବାଚନରେ ନନ୍ଦୀଗ୍ରାମ ଆସନ ସବୁଠାରୁ ହଟ୍ ସିଟ୍ ଭାବେ ପରିଲକ୍ଷିତ ହେଉଛି । ଏହି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତାଙ୍କୁ କଡା ଟକ୍କର ଦେଉଛନ୍ତି ତାଙ୍କରି ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀଥିବା ତଥା ଏବେ ବିଜେପିରେ ଯୋଗ ଦେଇଥିବା ଶୁଭେନ୍ଦୁ ଅଧିକାରୀ । ଏମାନଙ୍କ ଭିତରେ କିଛି ଅଲଗା ରୂପରେ ଉଭୟ ଦୁଇଜଣଙ୍କୁ ଟକ୍କର ଦେଉଛନ୍ତି ସଂଯୁକ୍ତ ମୋର୍ଚ୍ଚାର ପ୍ରାର୍ଥୀ ତଥା ଯୁବନେତ୍ରୀ ମିନାକ୍ଷୀ ମୁଖାର୍ଜୀ । ଏଠାରେ ମମତା ଓ ଶୁଭେନ୍ଦୁଙ୍କର ବଡ ବଡ ରାଲି ବାହାରୁଛି । କିଏ ଶହ ଶହ ଗାଡିରେ ରାଲି କରୁଛି ତ କିଏ ସଭା ସ୍ଥଳରେ ହେଲିକପ୍ଟରେ ଉହ୍ଲାଉଛି । କାହାର ପ୍ରଚାର ପାଇଁ କେନ୍ଦ୍ରମନ୍ତ୍ରୀଙ୍କର ସୁଅ ଛୁଟୁଛି ତ କାହାର ପ୍ରଚାର ବେଳେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ହେଲେ କେବେ ପାଦରେ ତ କେବେ ଅଟୋରେ ଯାଇ ଲୋକଙ୍କ ପାଖରେ ପହଂଚୁଛନ୍ତି ସଂଯୁକ୍ତ ମୋର୍ଚ୍ଚା ସମର୍ଥିତ ସିପିଆଇଏମ୍ ପ୍ରାର୍ଥୀ ମିନାକ୍ଷୀ ମୁଖାର୍ଜୀ । ଗୋଟିଏ ପଟେ ମମତାଙ୍କ 'ଖେଳା ହବେ' ▶▶ପୃଷ୍ଠା ୭

ଏପ୍ରିଲ ପାଇଁ ଗାଇଡଲାଇନ ଜାରି କଲେ ରାଜ୍ୟ ସରକାର

ଭୁବନେଶ୍ୱର,୩୧/୦୩ (ନି.ପ୍ର): ଏପ୍ରିଲ ପାଇଁ ଗାଇଡଲାଇନ ଜାରି କଲେ ରାଜ୍ୟ ସରକାର । ସ୍ଥାନୀୟ ପ୍ରଶାସନ କଣ୍ଟେନମେଣ୍ଟ ଜୋନ ପାଇଁ ନେଇପାରିବେ ନିଷ୍ପତ୍ତି । ଜିଲ୍ଲାପାଳ ଓ ପୌର ପରିଷଦ ନେଇ ପାରିବେ ନିଷ୍ପତ୍ତି । ଟେଷ୍ଟିଂ, ଟ୍ରାକିଂ ଓ ଟ୍ରିଟମେଣ୍ଟ ଉପରେ ଗୁରୁତ୍ୱ । ଆରଟିପିସିଆର ଟେଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ମାସ୍କ ଓ ସାମାଜିକ ଦୂରତା କଡାକଡି ପାଳନ କରିବାକୁ କୁହାଯାଇଛି । ସେହିପରି ମନ୍ଦିର ବାବଦରେ ସ୍ଥାନୀୟ ପ୍ରଶାସନ ନେବେ ନିଷ୍ପତ୍ତି । ନିର୍ଦ୍ଦିଷ୍ଟ ଅଞ୍ଚଳର କରୋନା ସ୍ଥିତିକୁ ଆଖିଆଗରେ ରଖି ନିଷ୍ପତ୍ତି ହେବ । ମନ୍ଦିର ଭିତରକୁ କେତେ ଭକ୍ତ ଯିବେ ସେନେଇ ନିଷ୍ପତ୍ତି ନେବ ପ୍ରଶାସନ । ସେହିପରି ଦାର୍ମିକ କାର୍ଯ୍ୟକ୍ରମରେ କେତେ ଜଣ ସାମିଲ ହେବେ ସେନେଇ କହିବେ ପ୍ରଶାସନ ।

ପିପିଲି ଉପନିର୍ବାଚନ ପାଇଁ ୧୫ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ଭୁବନେଶ୍ୱର,୩୧/୦୩ (ନି.ପ୍ର): ପିପିଲି ଉପନିର୍ବାଚନ ପାଇଁ ମୋଟ୧୫ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେମାସନ ହେଲେ ଆଶ୍ରିତ ପଟ୍ଟନାୟକ, ସମ୍ବିତ୍ ପଟ୍ଟନାୟକ, ସନ୍ତୋଷ କୁମାର ମହାପାତ୍ର, ଅଶୋକ ପ୍ରଧାନ, ସନ୍ତୋଷ କୁମାର ଦାସ, ରୁଦ୍ର ପ୍ରତାପ ମହାରଥୀ ,ମହମ୍ମଦ ଇମାମ୍ ଉଦ୍ଦିନ୍, ଜୟ ପ୍ରକାଶସେଠୀ, ଅଜିତ୍ ମଙ୍ଗରାଜ, ଦୀପକ କୁମାର ଦାସ, ନଗେନ୍ଦ୍ର ନାଥ ମିଶ୍ର, ସ୍ୱପ୍ନେଶ୍ୱର ନାୟକ, ସୁଲୋଚନା ସାହୁ, ପ୍ରିୟ ରଞ୍ଜନ ମିଶ୍ର ଓ ପିଙ୍କଲିନ୍ ମହାନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଏହି ସୂଚନା ମିଳିଛି। ସୂଚନା ଅନୁଯାୟୀ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଅର୍ଥାତ୍ ମାର୍ଚ୍ଚ ୩୦ ତାରିଖରେ ସର୍ବାଧିକ ୧୨ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ପୂର୍ବରୁ ୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆଜି (ବୁଧବାର) ପ୍ରାର୍ଥୀ ପତ୍ର ଗୁଡିକର ଯାଂଚ୍ କରାଯିବ ଓ ଆସନ୍ତା ଏପ୍ରିଲ୍ ୩ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ଆସନ୍ତା ଏପ୍ରିଲ ୧୭ ତାରିଖରେ ପିପିଲି ବିଧାନସଭା ଆସନ ନିମନ୍ତେ ଭୋଟ ଗ୍ରହଣ କରାଯିବ।

ଏପ୍ରିଲ ୨ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆସୁଛନ୍ତି ଉପରାଷ୍ଟ୍ରପତି

ଭୁବନେଶ୍ୱର,୩୧/୦୩ (ନି.ପ୍ର): ଏପ୍ରିଲ ୨ରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଆସୁଛନ୍ତି ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ । ୫୦ ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମିଲ ହେବା ପାଇଁ ଉପରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରାଯାଇଛି । ଭେଙ୍କେୟା ନାଇଡୁଙ୍କ ଗସ୍ତକୁ ନଜରରେ ରଖି କ୍ୟାମ୍ପସରେ କରୋନା ପରୀକ୍ଷା କରାଯାଉଛି । ସମାବର୍ତ୍ତନ ଉତ୍ସବରେ ମଂଚକୁ ଯିବାକୁ ଥିବା ଛାତ୍ର, ଅଧ୍ୟାପକ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କର କରୋନା ପରୀକ୍ଷା କରାଯିବ । ସକାଳୁ କ୍ୟାମ୍ପସ ପରିସରରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଂଟିଜେନ୍ ଟେଷ୍ଟ ଆରମ୍ଭ ହୋଇଛି । ଏବେ ଦେଶରେ କରୋନା ସଂକ୍ରମଣ ବଢୁଥିବା ବେଳେ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି । ସମାବର୍ତ୍ତନ ଉତ୍ସବରେ ବିଭିନ୍ନ ବିଭାଗରେ ପୁରସ୍କାର ପାଇବାକୁ ଥିବା ଛାତ୍ରଛାତ୍ରୀଙ୍କର କରୋନା ପରୀକ୍ଷା କରାଯାଉଛି । ଏହାସହ ସେଦିନ ସଭା ମଂଚରେ ଉପସ୍ଥିତ ରହିବାକୁ ସ୍ଥିର ହୋଇଥିବା ଅତିଥି, ଶିକ୍ଷାବିତଙ୍କ ମଧ୍ୟ ଆଂଟିଜେନ୍ ଟେଷ୍ଟ କରାଯାଉଛି । ଏହା ସହ ଉପରାଷ୍ଟ୍ରପତିଙ୍କ ପାଖକୁ ଯିବାକୁ ଥିବା ଅନ୍ୟ ସମସ୍ତ ଅଧିକାରୀ, କର୍ମଚାରୀ ଓ ସେବା ଯୋଗାଣକାରୀଙ୍କର ମଧ୍ୟ ଆରଟିପିସିଆର କରୋନା ପରୀକ୍ଷା କରାଯିବ ।

ଓଡ଼ିଶାବାସୀଙ୍କ ଟଙ୍କା ଖର୍ଚ୍ଚ ହେଉଛି, ଲୋଗୋ ରହିଲେ ଅସୁବିଧା କେଉଁଠି : ବିଜେଡି

ଭୁବନେଶ୍ୱର,୩୧/୦୩ (ନି.ପ୍ର): ବିଜୁ ପକ୍କାଘର ଲୋଗୋ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ବିଜେଡିର ଟାର୍ଗେଟ । ବିଜେଡି କହିଛି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ସରକାର ଅଂଶଧନ ଅଛି । ବିଜୁ ପକ୍କା ଘର ଯୋଜନାରେ ଯେଉଁ ଅର୍ଥ ଖର୍ଚ୍ଚ ହେଉଥିଲା ସେହି ଅର୍ଥ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖର୍ଚ୍ଚ ହେଉଛି । ଗ୍ରାମୀଣ ଗୃହନିର୍ମାଣରେ ଓଡିଶା କେନ୍ଦ୍ର ସରକାରଙ୍କ ଠାରୁ ପୁରସ୍କୃତ ହୋଇଥିଲା । ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଓଡିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧୁକାର କରିଛି । ଓଡ଼ିଶା ୫ ବର୍ଷ ଭିତରେ ୧୫୭୩୦୦୦ ଗୃହ ନିର୍ମାଣ କରିଛି । ▶▶ପୃଷ୍ଠା ୭

ଗାଧୋଇବାକୁ ଯାଇ ବୁଡିଗଲେ ୪ ଜଣ, ଜଣେ ମୃତ, ଜଣେ ନିଖୋଜ

କେନ୍ଦ୍ରାପଡ଼ା,୩୧/୦୩(ନି.ପ୍ର): ବ୍ରାହ୍ମଣୀ ନଦୀରେ ଗାଧୋଇବାକୁ ଯାଇ ଦୁଇ ଜଣ ଛାତ୍ରଙ୍କ ସମେତ ୪ ଜଣ ବୁଡ଼ିଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତଦେହ ମଳିଛି। ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଜଣେ ନିଖୋଜ ହୋଇଯାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ଧୂମାତ ଶାସନ ଅଧିନ ବ୍ରାହ୍ମଣୀ ନଦୀର ଆଳପୁଆ ଘାଟରେ ଆଜି ଅପରାହ୍ନରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ▶▶ପୃଷ୍ଠା ୭

ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହର

ଭୁବନେଶ୍ୱର,୩୧/୦୩ (ନି.ପ୍ର): ତାପମାତ୍ରା ବୃଦ୍ଧି ସହ ଖରାରେ ସିଝୁଛି ସାରା ଓଡ଼ିଶା। ଆଜି ରାଜ୍ୟର ସବୁଠାରୁ ଉତପ୍ତ ସହର ପାଲଟିଛି ଭୁବନେଶ୍ୱର। ବୁଧବାର ଦିନ ଭୁବନେଶ୍ୱରର ତାପମାତ୍ରା ୪୪.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅପରପକ୍ଷରେ ଗତକାଲି ୪୪.୬ ଡିଗ୍ରୀ ସହ ବାରିପଦା ରାଜ୍ୟର ଉତପ୍ତ ସହର ପାଲଟିଥିବା ବେଳେ ଆଜି ବାରିପଦାରେ ତାପମାତ୍ରା ୪୩.୬ଡିଗ୍ରୀ ରହିଛି ଏବଂ ବାଲେଶ୍ୱରରେ ତାପମାତ୍ରା ୪୩.୦ଡିଗ୍ରୀ ରହିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଜି ରାଜ୍ୟର ୧୮ଟି ସହରରେ ତାପମାତ୍ରା ୪୦ ଉପରେ ରହିଛି । ସେହିପରି ଭୁବନେଶ୍ୱରକୁ ମିଶାଇ ରାଜ୍ୟର ୧୩ଟି ସହରରେ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ଉପରେ ରହିଛି। ସେହିପରି ଚାନ୍ଦବାଲିରେ ୪୨.୬, ତାଳଚେରରେ ୪୨.୫, ମାଲକାନଗିରିରେ ୪୨, ଗଜପତିରେ ୪୨, ବୌଦ୍ଧରେ ୪୨, ଅନୁଗୋଳରେ ୪୧.୭, ବଲାଙ୍ଗିରରେ ୪୧.୫, ଭବାନୀପାଟଣାରେ ୪୧.୫, ଟିଟିଲାଗଡ଼ ୪୧.୨ ଓ ନୟାଗଡ଼ର ତାପମାତ୍ରା ୪୧.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆଜିଠାରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକାକରଣ

ଭୁବନେଶ୍ୱର,୩୧/୦୩ (ନି.ପ୍ର): ଆସନ୍ତାକାଲି (ଗୁରୁବାର)ଠାରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କରୋନା ଟୀକା ଦିଆଯିବ। ଅଧିକ ସଂକ୍ରମଣ ହେଉଥିବା ଜିଲ୍ଲାରେ ଟୀକାକରଣକୁ ପ୍ରାଥମିକତା ଦିଆଯିବ। ମାଛ ମାଂସ ବିକ୍ରେତା, ସେଲୁନ, ଷ୍ଟ୍ରିଟ ଭେଣ୍ଡର, ଅଟୋ ଓ ବସ ଡ୍ରାଇଭର,ବିଦ୍ୟାଳୟ ଓ କଲେଜ ଶିକ୍ଷକ, ରେଷ୍ଟୁରାଂଟ କର୍ମଚାରୀଙ୍କ ଭଳି ସମ୍ବେଦନଶୀଳ ବର୍ଗର ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦିଆଯିବ। ଦୁଇ ସପ୍ତାହ ମଧ୍ୟରେ ଏହି ବର୍ଗର ବ୍ୟକ୍ତିଙ୍କ ଟୀକାକରଣ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଟୀକାକରଣ କେନ୍ଦ୍ର ବଢାଇବା ସହ ଟୀକାକରଣ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ।

DADLS-84

ଓଡ଼ିଶା ଦିବସ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଉତ୍କଳ ଦିବସ-୨୦୨୧ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

କରୋନା ବିରୋଧରେ ଓଡ଼ିଶାର ଲଢ଼େଇ ବେଶ୍ ଉତ୍ସାହପ୍ରଦ । ଆସନ୍ତୁ, ନିର୍ଣ୍ଣାୟକ ନିଷ୍ପତ୍ତି ପର୍ଯ୍ୟନ୍ତ ଏହାକୁ ଜାରି ରଖିବା ।

(ଗଣେଶୀ ଲାଲ)

OIPR : 15001/13/0136/2021

DADLS-84



ଓଡ଼ିଶା ଦିବସ-୨୦୨୧ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାପୁରୁଷମାନଙ୍କ ପ୍ରତି ଏହି ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ ବୃଦ୍ଧି କରିଥିବା ଆମର ବରପୁତ୍ରମାନଙ୍କ ପ୍ରତି ମଧ୍ୟ ମୋର ସମ୍ମାନ ଜଣାଉଛି । ଆଜି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ସାରା ଦେଶ ପାଇଁ ପଥ ପ୍ରଦର୍ଶକ ହୋଇପାରିଛି । ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ ଶପଥ ନେଇ କାମ କରିବା ।

ଏହି ଅବସରରେ ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ କୋଭିଡ ନିୟମାବଳୀ କଡ଼ାକଡ଼ି ଭାବରେ ପାଳନ କରନ୍ତୁ । 'ଘରେ ରୁହନ୍ତୁ', ନିଜକୁ, ନିଜ ପରିବାରକୁ ଏବଂ ବନ୍ଧୁ ପରିଜନଙ୍କୁ ସୁରକ୍ଷିତ ରଖନ୍ତୁ ।

ବନ୍ଦେ ଉତ୍କଳ ଜନନୀ

(ନବୀନ ପଟ୍ଟନାୟକ)

OIPR : 15001/13/0136/2021

DADLS-84

ଓଡ଼ିଶା ଦିବସ ପାଳନ ଅବସରରେ
ବାର୍ତ୍ତା

ଓଡ଼ିଶା ଦିବସ-୨୦୨୧ ପାଳନର ଶୁଭ ଅବସରରେ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆମର ପୂର୍ବସୂରୀ, ଯେଉଁମାନଙ୍କ ଅମୂଲ୍ୟ ଅବଦାନ ବଳରେ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା, ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ର ପରିଚିତି ରହିଛି । ଏସବୁର ସଂରକ୍ଷଣ, ସମୃଦ୍ଧି ଏବଂ ପ୍ରଚାର ପ୍ରସାର ପାଇଁ ଆସନ୍ତୁ, ଆଜିର ଏହି ମହାର୍ଘ ଦିବସରେ ସଂକଳ୍ପ ନେବା ।

ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କରୋନା କଟକଣା କଡ଼ାକଡ଼ି ଭାବେ ପାଳନ କରନ୍ତୁ । ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0136/2021

ବିଜେଡି ପାଇଁ ସୋସିଆଲ ମିଡିଆରେ ଭୋଟ୍ ମାଗୁଛନ୍ତି ଡାକ୍ତର

ଭୁବନେଶ୍ୱର,୩୧।୩ (ନି.ପ୍ର): ପିପିଲି ଉପନିର୍ବାଚନ ଜିତିବା ପାଇଁ ସରକାରୀ କଳର ଅପବ୍ୟବହାର କରୁଛି ବିଜେଡି । ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରର ସରକାରୀ ମେଡିକାଲ ଅଫିସର ଇନଚାର୍ଜ ଡା.ଅବିନାଶ ରଥ ନିଜ ସୋସିଆଲ ମିଡିଆରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଆରମ୍ଭ କରିଛନ୍ତି, ଯାହାକି ନିର୍ବାଚନ କମିଶନଙ୍କ ଗାଇଡଲାଇନ ଏବଂ ଲୋକ ପ୍ରତିନିଧିତ୍ୱ ଆଇନ,୧୯୫୧ ଅନୁଯାୟୀ ସଂପୂର୍ଣ୍ଣରୂପେ ବେନିୟମ ଏବଂ ବେଆଇନ । ରାଜ୍ୟ ନିର୍ବାଚନ ଅଧିକାରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ ଏଭଳି ବେଆଇନ ଘଟଣାରେ ସଂପୃକ୍ତ ଥିବା ମେଡିକାଲ ଅଫିସରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଜେପି ପ୍ରତିନିଧୀ ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛି । ଏହି ସମସ୍ତ ବେଆଇନ

ସିଇଓଙ୍କୁ ଫେରାଦ ହେଲା ବିଜେପି

କାର୍ଯ୍ୟର ସମସ୍ତ ତଥ୍ୟ ପ୍ରମାଣ ସହ ଫଟୋ ଓ ଭିଡିଓ ନିର୍ବାଚନ ଅଧିକାରୀଙ୍କୁ ପ୍ରତିନିଧୀ ଦଳ ପ୍ରଦାନ କରିଛି । ଉପନିର୍ବାଚନରେ ସରକାରୀ ଅଧିକାରୀମାନଙ୍କୁ ପ୍ରଚାରରୁ ନିବୃତ ରଖିବା ଏବଂ ବିନା କୌଣସି ରାଜନୈତିକ ଚାପରେ ନିଜ ଦାୟୀତ୍ୱ ଜନସାଧାରଣଙ୍କ ସ୍ୱାର୍ଥରେ ସଠିକ୍ ଭାବେ ତୁଲାଇବା ପାଇଁ ନିର୍ବାଚନ ଆୟୋଗ ଉତରଦାୟୀ । ଯଦି କୌଣସି ସରକାରୀ ଅଧିକାରୀ ଏଭଳି ବେଆଇନ କାର୍ଯ୍ୟ କରନ୍ତି, ତେବେ ନିର୍ବାଚନ ଅଧିକାରୀ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ରହିଛି । ଏହି ଦିଗରେ ନିର୍ବାଚନ ଅଧିକାରୀ ସଂପୃକ୍ତ ମେଡିକାଲ ଅଫିସରଙ୍କୁ ତୁରନ୍ତ ନିଲମ୍ବନ କରି ଆଗାମୀ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ନେଇ ସୁନିଶ୍ଚିତ କରାନ୍ତୁ ବୋଲି ପ୍ରତିନିଧୀ ଦଳ ଦାବି କରିଛି ।

ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଡ.ଯତୀନ ମହାନ୍ତି ଓ ସୋନାଲୀ ସାହୁଙ୍କ ସମେତ ଲିଗାଲ୍ କୋଡିନେଟର ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ ।

ଆଇଏସଏଚଡିପି ଯୋଜନାର ହିତାଧିକାରୀଙ୍କ ବକେୟା ଟଙ୍କା ଦେବା ଦାବି

ଜୟପୁର,,୩୧।୩ (ନି.ପ୍ର): ଆଇଏସଏଚଡିପି ଯୋଜନାର ହିତାଧିକାରି ଜୟପୁର ପୌରପରିଷଦର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ପୌର କାର୍ଯ୍ୟନିବାହୀ ଅଧିକାରିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ପୁରୁଣାଗଡର ରମା ଜାନୀ, ତ୍ରିପତି ଜାନୀ, ଗୁରୁ ଜାନୀ, ଇଶ୍ୱର ହରିଜନ ସିଲୋତମା ଦଳେଇ ପ୍ରମୁଖ ଉକ୍ତ ଯୋଜନାରେ ସାମିଲ ହୋଇ ଘର ବାନ୍ଧିବା ପାଇଁ କାର୍ଯ୍ୟଦେଶ ପାଇଥିଲେ । ଏହା ପରେ ଗୃହ କାର୍ଯ୍ୟ ଆରମ୍ଭ କରି ଘର କାମ ଶେଷ ହୋଇଯାଇଛି । ଗୃହ କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇ ଦେଢବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ବି ନିର୍ମାଣ ସକାଶେ ସରକାରୀ ଯୋଜନା ଅନୁସାରେ ମିଳିବାକୁ ଥିବା ଟଙ୍କା ବର୍ତମାନ ଯାଏ ପ୍ରଦାନ କରାଯାଇ ନାହିଁ । ତେଣୁ ପୌର ପ୍ରଶାସନ ଆଇଏସଏଚଡିପି ଯୋଜନାର ହିତାଧିକାରିଙ୍କ ବକେୟା ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ପୌର କାର୍ଯ୍ୟନିବାହି ଅଧିକାରିଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଖୋର୍ଦ୍ଧା ରୋଡ୍ ଏବଂ ନୟାଗଡ଼ ଟାଉନ ମଧ୍ୟରେ ବିଦ୍ୟୁତିକରଣ କାର୍ଯ୍ୟ ଶେଷ

ଭୁବନେଶ୍ୱର,୩୧।୩ (ନି.ପ୍ର): ଖୋର୍ଦ୍ଧା ରୋଡ୍-ବାଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଖୋର୍ଦ୍ଧା ରୋଡ୍ ଏବଂ ନୟାଗଡ଼ ଟାଉନ୍ ମଧ୍ୟରେ ରେଳ ବିଦ୍ୟୁତିକରଣ କାର୍ଯ୍ୟ ଶେଷ ହୋଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ଦକ୍ଷିଣ ପୂର୍ବାଂଚଳ ସର୍କଲ / କୋଲକାତାସ୍ଥିତ ରେଳ ସୁରକ୍ଷା ଆୟୁକ୍ତ ଗତକାଲି ପୂର୍ବ ତଟ ରେଳପଥର ପ୍ରମୁଖ ବୈଦ୍ୟୁତିକ ଇଞ୍ଜିନିୟର ବି. ପି. ପଣ୍ଡା, ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏସ.କେ ସିଂ ଏବଂ ରେଳ ବିଦ୍ୟୁତିକରଣ ର ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ସିପିଡି) ଶ୍ରୀ କେ ନାଗେନ୍ଦ୍ର ପ୍ରସାଦଙ୍କ ଉପସ୍ଥିତିରେ ଖୋର୍ଦ୍ଧା ରୋଡ଼ ଓ ନୟାଗଡ଼ ଟାଉନ ମଧ୍ୟରେ ୬୬ କିଲୋମିଟର ଦୈର୍ଘ୍ୟ ରେଳ ଲାଇନରେ ବିଦ୍ୟୁତିକରଣ କାର୍ଯ୍ୟ ଯାଂଚ କରିଛନ୍ତି । ରେଳ ସୁରକ୍ଷା ଆୟୁକ୍ତଙ୍କ ଦ୍ୱାରା ପରିଚାଳିତ ଯାଂଚ ସମୟରେ ସ୍ୱତନ୍ତ୍ର ଟ୍ରେନ କୁ ଇଲେକ୍ଟ୍ରିକ ଲୋକୋମୋଟିଭ ଦ୍ୱାରା ନୟାଗଡ଼ ଟାଉନ୍ ଠାରୁ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ୮୦ କିଲୋମିଟର ବେଗରେ ଚଳାଚଳ କରାଯାଇ ନୀରିକ୍ଷଣ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଏହି ବିଦ୍ୟୁତିକରଣ ପ୍ରକଳ୍ପ ପାଇଁ ପ୍ରାୟ ୬୦ କୋଟି ଟଙ୍କା ଖର୍ଚ୍ଚ ହେବ । ନୟାଗଡ଼ ଟାଉନରୁ ମହିପୁର ପର୍ଯ୍ୟନ୍ତ ରେଳ ବିଦ୍ୟୁତିକରଣ କାର୍ଯ୍ୟ ମଧ୍ୟ ଶୀଘ୍ର ଶେଷ ହେବ ।

ଗଣମାଧ୍ୟମ ପ୍ରତିନିଧିଙ୍କର ପୋକ୍ସୋ ଆଇନ ସମ୍ପର୍କୀତ ଜିଲ୍ଲାସ୍ତରୀୟ କର୍ମଶାଳା

କନ୍ଧମାଳ,୩୧।୩ (ନି.ପ୍ର): ଦିନକୁ ଦିନ ଶିଶୁ ମାନଙ୍କ ପ୍ରତି ବିଭିନ୍ନ ସ୍ତରରେ ନିର୍ଯ୍ୟାତନା ବଢିବାରେ ଲାଗିଛି । ଏଥିପାଇଁ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ଏବଂ ବୁଦ୍ଧିଜୀବି ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଚିନ୍ତାର କାରଣ ସାଜିଛି । ଏଥିପାଇଁ ଆଜି କନ୍ଧମାଳ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ଏକ କର୍ମଶାଳା ସ୍ଥାନୀୟ ପାରିଜାତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର କଲ୍‌ଚୁରାଲ ସେଣ୍ଟର ଏବଂ ସାହାରା କନ୍ଧମାଳ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଅନୁକୁଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବି ବିଜୟକୃଷ୍ଣ ପଟ୍ଟନାୟକ ଯୋଗ ଦେଇ ଶିଶୁ ମାନଙ୍କର ବିଭିନ୍ନ ଭାବରେ ପିଡିତ ହେବାପରେ କିମ୍ବା ନାବାଳକ ମାନେ କୌଣସି ଆଇନ ଜାଲରେ ଛନ୍ଦି ହୋଇଗଲେ ସେମାନଙ୍କ ଖବରକୁ ପ୍ରସାରଣ କରିବା ଦିଗରେ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ସୁଚନା ଦେଇଥିଲେ । ଏପରିକି ସେମାନଙ୍କର ଛଦ୍ମ ନାମ, ପରିବାର ଠିକଣା,କିମ୍ବା ସେମାନେ ପାଠପଢୁଥିବା ବିଦ୍ୟାଳୟର ନାମ ଏବଂ ସେମାନଙ୍କର ଫୋଟକୁ ଖବର ରେ ପ୍ରକାଶ ନ କରିବା ପାଇଁ ରହିଥିବା ଆଇନ ବିଷୟରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାରାର ସମ୍ପାଦକ ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ସଦାଶିବ ପାତ୍ର ଏବଂ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସମାଜ ସୁଧାରକ ଭାବରେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ସହିତ ଏହିଭଳି ଖବରକୁ ପ୍ରସାରଣ କରିବା ପୁର୍ବରୁ ଏହାର ପ୍ରସାରଣର ଯୋଗୁଁ ସମାଜ ଉପରେ ଏଥିପାଇଁ ପଡୁଥିବା କୁ ପ୍ରଭାବ ବିଷୟରେ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସୁଜିତ କୁମାର ବେହେରା,ରଞ୍ଜନ କୁମାର ଦାସ,ଅଜିତ କୁମାର ପ୍ରଧାନ ଏବଂ ଅନ୍ୟମାନେ ଏହି ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସୁକାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ମନ୍ତ୍ରର ଶକ୍ତି ଅସାଧ ସାଧନ କରିଥାଏ : ଶ୍ରୀମା

କେନ୍ଦ୍ରାପଡ଼ା,୩୧।୩ (ନି.ପ୍ର): ମନ୍ତ୍ର ଉପରେ ତଥା ମନ୍ତ୍ରର ଶକ୍ତି ଉପରେ ବିଶ୍ୱାସ ଅନେକ ସମସ୍ୟାକୁ ଦୂର କରିଥାଏ ତଥା ଭାରତବର୍ଷ ଆର୍ଯ୍ୟଭୂମି ଭାରତ ବର୍ଷ ହେୁଛି ଋଷିମୁନିଙ୍କ ଦେଶ, ତପସ୍ୟାର ଦେଶ। ଯାହା ନାହିଁ ଭାରତେ ତାହା ନାହିଁ ଜଗତେ ଏଇ ନ୍ୟାୟରେ ଆମେ ସମସ୍ତେ ମିଳିତ କଣ୍ଠରେ ଏକତ୍ରିତ ହୋଇ ମନ୍ତ୍ରର ଶକ୍ତିକୁ ଜପକରିବା। ଏ ଦେଶରୁ କରୋନା ମହାମାରୀ ଦୂର ହେଉ ବୋଲି ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ଆହ୍ୱାନ ଦେଇଥିଲେ। ପରେ ମହାମନ୍ତ୍ର ଧ୍ୱନି ସଂକୀର୍ତ୍ତନ ଗ୍ରାମ ପରିକ୍ରମା କରି ବିଶ୍ୱରୁ କରୋନା ଦୂରହେଉ ବୋଲି ଶ୍ରୀମାଙ୍କର ପଟ୍ଟାମୁଣ୍ଡାଇସ୍ଥିତ ସୁଜନପୁର ଗ୍ରାମର ବହୁତ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀମାଙ୍କ ଆଶୀର୍ବଚନ ପରେ ଶ୍ରୀମାଙ୍କ ରଚିତ ପୁସ୍ତକ ଦିବ୍ୟକୋଷ୍ଠବ ଭଜନ ଗାଇଥିଲେ ସ୍ୱାମୀ ରାମଶରଣାନନ୍ଦ, ସୁଶିଲ ସୂତାର, ସୌଭାଗିନୀ ସୂତାର, ପ୍ରମିଳା ଶ୍ରୀଧର ରାଉତ, ଶରତ ପାତ୍ର, କେଶବ ଖଟୁଆ, ଅଲେଖ ଖଟୁଆ, କାବୁଲି ଖଟୁଆ, ସୁମିତ୍ରା ଖଟୁଆ, ସୁମିତ୍ରା ଖଟୁଆ, ଦୀନବନ୍ଧୁ ଖଟୁଆ, ଶାନ୍ତିଲତା ବିଶ୍ୱାଳ, ପଦ୍ମାବତୀ ବାରିକ, ଦୀପକ ଖଟୁ, ଆଲୋକ ଖଟୁଆ, ତ୍ରିନାଥ ଖଟୁଆ, ପ୍ରେମାନନ୍ଦ ଖଟୁଆ ପ୍ରମୁଖ। ସୁଜନପୁର ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାହାଯ୍ୟ ସହଯୋଗ କରିଥିଲେ।

ଧାମନଗର ବ୍ଲକ ଓ ଏନ୍‌ଏସି ଅଂଚଳରେ କୋଭିଡ଼ କଟକଣାରେ ଦୋଳ ମେଳଣ ପାଳିତ

ଧାମନଗର,୩୧।୩ (ନି.ପ୍ର): ଧାମନଗର ବ୍ଲକ ଓ ଏନ୍‌ଏସି ଅଂଚଳରେ ମୋଟ ୬ଟି ସ୍ଥାନରେ ପବିତ୍ର ଫଗୁ ପୁର୍ଣ୍ଣିମା ଅବସରରେ ଦୋଳ ମେଳନୋତ୍ସବ ଅନୁଷ୍ଠିତ ହୁଏ। ରାଜ୍ୟ ସରକାଙ୍କ ଗାଇଡ୍ ଲାଇନ୍ ଅନୁସାରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ମତେ ଗତ ୨୭ତାରିଖ ଶନିବାର ଧାମନଗର ଥାନା ଅନ୍ତର୍ଗତ ପଳିକିରୀ ଦୋଳ ମେଳନ ଅତ୍ୟନ୍ତ ନିରାଡ଼ମ୍ବର ଭାବେ ଅନୁଷ୍ଠିତ ହୋଇଯାଇଛି। ବିନା ମାଇକ୍, ଡ଼ିଜେ ଓ ବାଣ ରୋଷଣୀରେ ପ୍ରଭୁ ଶ୍ରୀ ରାଧାକୃଷ୍ଣ ଦୋଳ ବିମାନରେ ମେଳନ ପଡ଼ିଆକୁ ବିଜେ କରିଥିବାବେଳେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବହୁତ କମ୍ ଥିବା ଦେଖାଯାଇଥିଲା। ସେହିପରି ଧୁଷୁରୀ ଥାନା ଅନ୍ତର୍ଗତ ବୟାଂଡ଼ିହ, ସହୀଦନଗର ଓ ଲୁଣିଆ ଦୋଳ ମେଳନ ଉତ୍ସବ ୨୯ତାରିଖ ରାତିରେ ହେବାକୁ ଥିବାବେଳେ କୋଭିଡ଼ ନିୟମ ପାଇଁ ଫିକା ପଡ଼ିଥିବା ଜଣାଯାଇଛି । ୩୦ତାରିଖ ସକାଳେ ଶ୍ରୀଜୀଉ ମାନେ ସୁସଜ୍ଜିତ ଦୋଳ ବିମାନରେ ପାରମ୍ପରିକ ଘଂଟା, କରତାଳ ଓ ମୃଦଙ୍ଗ ବାଦ୍ୟର ତାଳେ ତାଳେ ମେଳନ ପଡ଼ିଆକୁ ବିଜେ କରିଥିଲେ। ସେହିପରି ସୂର୍ଯ୍ୟପୁର ଓ ଧାମନଗର ଶ୍ୟାମପୁର ଦୋଳ ମେଳନ ଉତ୍ସବ କୋଭିଡ଼ କଟକଣା ହେତୁ ଫିକା ପଡ଼ିଥିବାବେଳେ ଏଥିରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ନଥିବା ଦେଖାଯାଇଛି। ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ମିଳନ ପର୍ବ ଆସନ୍ତା ପଂଚଦୋଳ ରାତ୍ରରେ ନିରାଡ଼ମ୍ବର ଭାବେ ଅନୁଷ୍ଠିତ ହେବବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଧାମନଗର ଅଂଚଳରେ ଅନୁଷ୍ଠିତ ଉପରୋକ୍ତ ମେଳନ ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଧାମନଗର ଥାନା ଆଇଆଇସି ରତିକାନ୍ତ ଗିରି ଓ ଧୁଷୁରୀ ଥାନା ଆଇଆଇସି ପ୍ରଫୁଲ୍ଲ ସିଂ ଙ୍କ ନିର୍ଦ୍ଦେଶରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିବା ଦେଖାଯାଇଛି।

ଆଦାନୀ ଫାଉଣ୍ଡେସନ ପକ୍ଷରୁ ମଲ୍ଟି ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜିତ

ଭଦ୍ରକ,୩୧।୩(ହି.ସ.) - ଆଦାନୀ ଧାମରା ପୋର୍ଟର ସିଏସ୍‌ଆର ଅଂଶ, ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ଜିଲଳ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ବାଲିମୁଣ୍ଡା ଗ୍ରାମପଂଚାୟତର ମାର୍କେଟ ପଡିଆ ପରିସରରେ ଏକ ମଲ୍ଟି ସ୍ପେଶାଲିଟି ସ୍ୱାସ୍ଥ୍ୟଶିବିର ଆୟୋଜିତ ହୋଇଯାଇଛି । ବାଲିମୁଣ୍ଡା ଗ୍ରାମପଂଚାୟତର ସହଯୋଗ ଓ ସମନ୍ୱୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୮୫୩ ଜଣ ରୋଗୀ ଚିକିତ୍ସିତ ହେବାସହ ସେମାନଙ୍କୁ ନିଶୁଳ୍କ ଔଷଧ ପ୍ରଦାନ କରାଯାଇଥିଲା । ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ ପୁଷ୍ଟି, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଏମ୍‌ଜେ ପ୍ରକାଶ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସୂର୍ଯ୍ୟକାନ୍ତ କର, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ରଞ୍ଜନ ନନ୍ଦ, ଚର୍ମରୋଗ ବିଶେଷଜ୍ଞ ଡାକ୍ତର ରାଜକିଶୋର ସିଙ୍କୁ, ଭେଷଜ ବିଶେଷଜ୍ଞ ଡାକ୍ତର ଅଙ୍କିତା ବେହେରା ଶିବିରରେ ରୋଗୀଙ୍କୁ ଚିକିତ୍ସା ସମ୍ପର୍କରେ ପରାମର୍ଶ ଦେଇଥିଲେ । ବାଲିମୁଣ୍ଡା ଗ୍ରାମପଂଚାୟତର ସରପଂଚ ଗୋପାଳ ସେଠୀ, ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀ ଗିରିଶ ଶଙ୍କର ନାୟକ, ତପନ ଭୂୟାଁ, ହୃଷିକେଶ ଜେନା, ପ୍ରମୋଦ ଦାସ, ଭବେଶ ଗିରି, ସଚିଦାନନ୍ଦ ପଲ୍, ଦିବାକର ନାୟକ, ବାଇଧର ସର, ଝାଂଟୁସର, ଚିତରଂଜନ ପ୍ରଧାନ, ସୁକୁମାର ମାଇତି, ସୁଶୀଲ କୁମାର ମାଇତି ଏବଂ ଯୁବ ସ୍ୱେଚ୍ଛାସେବୀମାନେ ଶିବିରକୁ ସଫଳ କରାଇବାରେ ସେମାନଙ୍କ ଯୋଗଦାନ କରିଥିଲେ ।

ବିପଦପୂର୍ଣ୍ଣ ଭାବେ ବିଛା ଚାଲିଛି ଗ୍ୟାସ୍ ପାଇପ୍ ଲାଇନ: ବିନା ୱାର୍ଣ୍ଣିଂ ମ୍ୟାଟରେ ଚାଲିଛି କାମ

ରାଉରକେଲା,୩୧।୩ (ନି.ପ୍ର): ଘରକୁ ଆସିବ ଗ୍ୟାସ୍ ଲାଇନ, ପାଇପ୍ ଯୋଗେ ଜଳ ଯୋଗାଣ ଭଳି ମିଳିବ ଗ୍ୟାସ୍ ସେବା । ଏଭଳି କଥା ଲୋକଙ୍କୁ ଆକର୍ଷିତ କରିଥିବା ବେଳେ ଏହି ଗ୍ୟାସ୍ ପାଇପ ଲାଇନ ବିଛା ବେଳେ ଯେଉଁଭଳି ବେପରୁଆ ଭାବେ କାମ ଚାଲିଛି ତାକୁ ଦେଖି ଲୋକେ ଆତଙ୍କିତ ହେବା ସହ ଭବିଷ୍ୟତକୁ ନେଇ ନାନା ଆଶଙ୍କା କରୁଥିବା ଦେଖା ଯାଇଛି ।

ରାଉରକେଲା ସହରରେ ବର୍ତମାନ ଗେଲ୍ ଇଣ୍ଡିଆ ନାମକ ସଂସ୍ଥା ଏହି ଗ୍ୟାସ୍ ପାଇପ ଲାଇନ ବିଛା କାମ ଚଳାଇଛି । ସହରର ଛେଣ୍ଡ, କୋଏଲ ନଗର ଆଦି ଅଂଚଳ ସମେତ ମୁଖ୍ୟ ରାସ୍ତା ଗୁଡିକରେ ଏହି ଗ୍ୟାସ ପାଇପ ଲାଇନ ବିଛା କାମ ଚାଲିଛି । ହେଲେ ଦେଖା ଯାଉଛି ଏହି ଗ୍ୟାସ୍ ପାଇପ ଲାଇନ ଲାଗି ଆବଶ୍ୟକୀୟ ଗାତ ଖୋଲା ଯାଉନଥିବା ବେଳେ ବିନା ୱାର୍ଣ୍ଣିଂମ୍ୟାଟରେ ପାଇପଲାଇନ ବିଛା କାମ ଚାଲିଛି । ଏହି କାମକୁ ନେଇ ଲୋକଙ୍କ କହିବା କଥା, କଲୋନୀ ଅଂଚଳରେ ଗୋଟାଏ ପାଖ ୨ରୁ ୩ ଫୁଟ ଖୋଳାଯାଇ ୱାର୍ଣ୍ଣିଂ ମ୍ୟାଟ ସହ ପାଇପ ଲାଇନ ବିଛା ଯାଉଥିବା ବେଳେ ଅନ୍ୟପାଖରେ ମେସିନ ଦ୍ୱାରା ଭିତରେ ଭିତରେ ମାତ୍ର ୨ ଫୁଟ ତଳେ ଏକ ପତଳା ପାଇପ ବିଛା ଚାଲିଛି । ଏଥିରେ କୌଣସି ୱାର୍ଣ୍ଣିଂ ମ୍ୟାଟ ଦିଆଯାଉନି । ଯଦି କୌଣସି କାମ ବେଳେ ରାସ୍ତା କଡରେ ଖୋଳାଜିବା ବେଳେ ଏହି ପାଇପ ଫାଟିଯାଏ ତେବେ ଗ୍ୟାସ ଲିକ ହୋଇ ସମ୍ପୃକ୍ତ ଅଂଚଳ ସହ ସମଗ୍ର ସହର ଲାଗି କିଭଳି ବିପଦ ଆଣିବ ସେନେଇ ନାନା ପ୍ରକାର ଆଶଙ୍କା ପ୍ରକାଶ ପାଇଛି । ଖାଲି ସେତିକି ନୁହେଁ ଏହି ପାଇପ ଲାଇନ ବିଛା କାମରେ ଯେଉଁ ପାଇପ୍ ଗୁଡିକ ବ୍ୟବହାର ହେଉଛି ସେଗୁଡିକର ମୋଟେଇ ଅତି କମ୍ ବୋଲି କାମ କରୁଥିବା ଠିକାଦାର ଓ କେତେକ ଇଞ୍ଜିନିୟର ନିଜ ନାମ ପ୍ରକାଶ ନକରି ସୂଚନା ଦେଇଛନ୍ତି । ବିଭିନ୍ନ କଲୋନୀ ଅଂଚଳରେ ଥିବା ଘରଗୁଡିକୁ ଲାଗି ଯାଇଥିବା ପାଣି ପାଇପ ଲାଇନ ଗୁଡିକୁ ଏହି ଗ୍ୟାସ୍ ପାଇପ ଲାଇନ ବିଛା କାମ ଚାଲିଛି । ଯଦି କେବେ ପାଣି ପାଇପ୍ ଲାଇନ ଖରାପ ହେଲା ତେବେ ତାର ମରାମତି ବେଳେ ଏହି ଗ୍ୟାସ୍ ଲାଇନ ମଧ୍ୟ ଫାଟିବାର ଆଶଙ୍କା ରହୁଛି । ସେହିପରି ଏହି କାମ ସମୟରେ କୌଣସି ଇଞ୍ଜିନିୟର ସେଠାରେ ଉପସ୍ଥିତ ରହୁନଥିବା ବେଳେ, ଖଲାସି ଓ ଠିକାଦାର ମାନେ ତାଙ୍କ ଇଚ୍ଛା ଅନୁସାରେ କାମ କରିଚାଲିଛନ୍ତି । ଏହି କାମ ରାଉରକେଲାରେ ଆରମ୍ଭ ହୋଇଥିବା ବେଳେ ଏଭଳି ବିପଦପୂର୍ଣ୍ଣ କାମ କେବଳ ଛେଣ୍ଡ, କୋଏଲନଗର ଓ ମୁଖ୍ୟ ରାସ୍ତା କଡ ଗୁଡିକରେ ଜୋରଦାର ଭାବେ ଚାଲିଛି । ଏହା ପୂର୍ବରୁ କରାଯାଇଥିବା ରେଜ ଲାଇନ କାମ ଗୁଡିକ ସଠିକ୍ ଲାଇନରେ ହୋଇନଥିବାରୁ ସେହି ସମୟରେ ବିଛା ଯାଇଥିବା ଅନେକ ପାଇପଗୁଡିକୁ ଏହି କାମ କରୁଥିବା ମେସିନ ଖୋଳି ବାହାର କରୁଥିବା ଦେଖାଯାଉଛି । କେଉଁ ଲାଇନ କେଉଁ ସ୍ଥାନରେ ଯିବ ତାହାର ସଠିକ୍ ମାର୍ଗ ପୂର୍ବରୁ ସ୍ଥିର ହୋଇନଥିବାରୁ କିମ୍ବା ମହାନଗର ବାବୁ ମାନେ ଏନେଇ ନୀରବ ଥିବାରୁ ମନଇଚ୍ଛା କାମ ଚାଲିଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଏହି ଗ୍ୟାସ୍ ପାଇପ ଲାଇନ ବିଛାଯିବା ପୂର୍ବରୁ ଗେଲ୍ କମ୍ପାନୀ ପକ୍ଷରୁ ସତର୍କତା ନେଇ କୌଣସି ତଥ୍ୟ ମଧ୍ୟ ଜନସାଧାରଣଙ୍କୁ ଦିଆଯାଇନାହିଁ । ଏଭଳି ଅଭିଯୋଗ ଆସିବା ପରେ ଗେଲ୍ ଇଣ୍ଡିଆର ରାଉରକେଲା ମୁଖ୍ୟଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା ।

ଅକରପଡା ଜାତିଆଣା ଉତ୍ତେଜନା ଘଟଣା,ଏସପିଙ୍କୁ ଭେଟିଲା ଆମ୍ବେଦକର ଲୋହିଆ ବିଚାର ମଂଚ

କୋରେଇ,୩୧।୩ (ନି.ପ୍ର): ଯାଜପୁର ଥାନା ଅକରପଡା ଗ୍ରାମରେ ଗତ ୨୬ ତାରିଖରେ ଘଟିଥିବା ସବର୍ଣ୍ଣ- ଅସବର୍ଣ୍ଣ ଗଣ୍ଡଗୋଳ ଏବେ ଉତେଜନା ବୃଦ୍ଧି ପାଇଛି । ଉଭୟ ଗୋଷ୍ଠୀ ପକ୍ଷରୁ ଗତ ୨୬ ତାରିଖରୁ ଦୁଇଟି ମାମଲା ରୁଜୁ ହୋଇଥିଲେ ମଧ

ମହୋଦଧିଠାରୁ ଅମରକଣ୍ଟକ, ଗଙ୍ଗାଠାରୁ ଗୋଦାବରୀ

ପ୍ରଦୀପ ସେନାପତି

ପ୍ରତିବର୍ଷ ପରି ଏହିବର୍ଷ ମଧ୍ୟ ଓଡ଼ିଶା ରାଜ୍ୟ, ୨୦୨୧ ମସିହା, ଏ
୧ ତାରିଖରେ ୮୫ତମ ଉତ୍କଳ ଦିବସ ପାଳନ କରୁଛି । ଏହି ପ
ଭୂମି, ଏହାର ଇତିହାସ, ପୁରାଣ ଶାସ୍ତ୍ର ଓ ଆଧ୍ୟାତ୍ମିକ ଶକ୍ତି
ପ୍ରସିଦ୍ଧି ଲାଭ କରିଛି । ଭାରତ ଗର୍ବ ଅନୁଭବ କରୁଥିବା ଏ
କିଛିର ଉତ୍ପତ୍ତି ଏହି ଓଡ଼ିଶା ମାଟିରୁ ହିଁ ସମ୍ଭବ
ପ୍ରଦେଶ ଗଠନ ହେବାଠାରୁ ଦୀର୍ଘ ୮୫ବର୍ଷ
ରାଜ୍ୟର କେତେକାଂଶରେ ବିକାଶ ପରିଲକ୍ଷ
ବେଳେ, ନିର୍ଦ୍ଦିଷ୍ଟ ଭାବେ ଏହି ରାଜ୍ୟ ବିଭିନ୍ନ କ୍ଷେତ୍ରରେ
ନେତୃତ୍ୱ ବହନ କରିଥିଲା । ତେଣୁ ଓଡ଼ିଶାରେ ଆଜି ପରମ୍ପ
ଏବଂ ଆଧୁନିକତାର ଏକ ବିରଳ ସମନ୍ୱୟ ଘଟିଛି । ଆ
ଏହି ଐତିହାସିକ ଦିବସରେ ଏକ ସ୍ୱତନ୍ତ୍ର ଓଡ଼ିଶା
ପ୍ରଦେଶ ଗଠନର ବହୁ ପ୍ରତିକ୍ଷିତ ସ୍ୱପ୍ନ ସାକାର
ହୋଇଥିଲା ।

ଏ ମାଟିର ସୁଯୋଗ୍ୟ ସନ୍ତାନମାନଙ୍କ ଅବିଶ୍ରାନ୍ତ ସଂଗ୍ରାମ ଏବଂ ନିଃସ୍ୱାର୍ଥପର ବଳିଦାନ ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶା ଆତ୍ମପ୍ରକାଶ କରିଥିଲା । ଏହି ଐତିହାସିକ ସଫଳତା ଲାଭ ଦିଗରେ ଓଡ଼ିଶା ମାଟିର ମହାନ୍ ବ୍ୟକ୍ତିବିଶେଷ ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ଉତ୍କଳମଣି ପଣ୍ଡିତ ଗୋବପନ୍ଧୁ ଦାସ ଏବଂ ଏପରି ଅନେକ ପ୍ରଥିତଯଶା ମହାମନୀଷୀଗଣ ନିରନ୍ତର ସଂଗ୍ରାମ ଜାରି ରଖିଥିଲେ । ଏହି ଇତିହାସର ମୂକସାକ୍ଷୀ ସଂକ୍ଷେପରେ କହିବାକୁ ଗଲେ । ଏକ ସ୍ୱତନ୍ତ୍ର ଓଡ଼ିଶା ଗଠନ ତତ୍କାଳୀନ ପ୍ରକ୍ରିୟା ନଥିଲା । ବରଂ ଏହା ଆମର ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସାହିତ୍ୟିକ ଏବଂ ଦୂରଦ୍ରଷ୍ଟାମାନଙ୍କ ବହୁବର୍ଷବ୍ୟାପୀ ଉଦ୍ୟମର ଫଳଶ୍ରୁତି ଥିଲା । ଆଜିର ଏହି ସ୍ମରଣୀୟ ଦିବସରେ ଆସନ୍ତୁ, ଏହି ମହାନ୍ ବରପୁତ୍ରମାନଙ୍କୁ ଆମର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଏବଂ ସମଗ୍ର ଭାରତବର୍ଷରେ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ଗଠନ କ୍ଷେତ୍ରରେ ଆମକୁ ଅନନ୍ୟ ପରିଚିତ କରିଥିବା ଏହି ବରପୁତ୍ରମାନଙ୍କ ଅମୂଲ୍ୟ ଅବଦାନ ନିମନ୍ତେ ଶ୍ରଦ୍ଧାପୂର୍ବକ ସେମାନଙ୍କ ସ୍ମୃତିସ୍ମରଣ କରିବା । ଓଡ଼ିଶା ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ସହିତ ୨୫୦୦ବର୍ଷର ପ୍ରାଚୀନ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ଦିଗରେ ପୂର୍ବସୁରୀମାନଙ୍କର ନିରନ୍ତର ଉଦ୍ୟମ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ । ପ୍ରାଚୀନ ଯୁଗରୁ ଓଡ଼ିଶା ଏକ ଐଶ୍ୱର୍ଯ୍ୟଶାଳୀ, ଉତ୍କୃଷ୍ଟ କଳା କୌଶଳ ଜ୍ଞାତ ସାମରିକ ଶକ୍ତିସମ୍ପନ୍ନ ଓ ସାମୁଦ୍ରିକ ବାଣିଜ୍ୟ ସମୃଦ୍ଧ ରାଜ୍ୟ ରୂପେ ବିଶ୍ୱ ଦରବାରରେ ପରିଚିତ ଥିଲା । ପୂର୍ବରେ ମହୋଦଧିଠାରୁ ପଶ୍ଚିମରେ ଅମରକଣ୍ଟକ ଏବଂ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ବିଶାଳ ଭୂଖଣ୍ଡ, ପୁରାତନ ଐତିହାସିକ କାଳର ବୃହତ ତଥା ଶକ୍ତିଶାଳୀ ରାଜ୍ୟ କଳିଙ୍ଗ, ଉତ୍କଳିଙ୍ଗ, ଉତ୍କଳ, ତ୍ରିକଳିଙ୍ଗ, ତୋଷଳ, କୋଶଳ, କଙ୍ଗୋଦ ଏବଂ ଉତ୍ତ୍ର ଶବ୍ଦରୁ ସାମ୍ପ୍ରତିକ ଓଡ଼ିଶା ପ୍ରଦେଶ ନାମଟି ଉଦ୍ଭବ ହୋଇଅଛି । ଅତୀତର ସମୃଦ୍ଧି ଓ ବୀରତ୍ୱର ଗାଥା ଏକ ଅପୂର୍ବ ସମିଶ୍ରଣ ସହ, ଏହି ପ୍ରାଚୀନ ରାଜ୍ୟ କେତେବେଳେ ଜଣେ ରାଜାଙ୍କ ଦ୍ୱାରା ଏବଂ କେତେବେଳେ ଖଣ୍ଡବିଖଣ୍ଡିତ ହୋଇ ବିଭିନ୍ନ ରାଜାଙ୍କ ଦ୍ୱାରା ଶାସିତ ହେଲେ ହେଁ ଭାବ ଓ ଭାଷା ଦୃଷ୍ଟିରୁ ଏହାର ଜାତୀୟତା ଅକ୍ଷୁର୍ଣ୍ଣ ରହିଥିଲା । ରାମାୟଣ, କଲ୍କୀ ପୁରାଣ, ଗ୍ରନ୍ଥ, ମହାଭାରତ, ବୃହତ ସଂହିତା, ଶକ୍ତି ସଙ୍ଗମତନ୍ତ୍ର, ବୁଦ୍ଧାୟନ ସ୍ୱତ୍ର, ଦିଗ୍‌ବିଜୟ ପ୍ରକାଶ, ତ୍ରିକାଣ୍ଡ କୋଷ, ସ୍କନ୍ଦପୁରାଣ, କପିଳ ସଂହିତା, ମତ୍ସ୍ୟପୁରାଣ, ଦଶକୁମାର ରଚିତ ପ୍ରଭୃତି ପ୍ରାଚୀନ ଶାସ୍ତ୍ର ସମୂହରେ ଏହି ଭୂଖଣ୍ଡର ଗୌରବର ଗାଥାର ପ୍ରମାଣିକ ତଥ୍ୟ ଅଙ୍କିତ ।

ସେ । ମ , ଏହି ଭୂଖଣ୍ଡରେ ଚୈତ୍ର, ଭୌମ, ଗଙ୍ଗ, ସୂର୍ଯ୍ୟ ଓ ଭୋଇ ବଂଶର ନରପତିଗଣ ଶାସନ କରି ଅକ୍ଷୟଯଶ ରଖିଯାଇଛନ୍ତି । ଦୁଃଖର ବିଷୟ ଷୋଡ଼ଶ ଶତାବ୍ଦୀରେ ଏହି ରାଜ୍ୟର ସ୍ୱାଧୀନତା ବିପନ୍ନମୁଖୀ ହୋଇ ଏହା ଆଫାଗାନ, ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କ ଶାସନଧୀନ ହୋଇଥିଲା । ସେମାନେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ ନକରି, ବଙ୍ଗ, ବିହାର, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ସହିତ ଅନ୍ତର୍ଭୁକ୍ତ କରିଥିଲେ । ୧୫୬୮ ଖ୍ରୀଷ୍ଟାବ୍ଦରେ ଆଫାଗାନମାନେ ଓଡ଼ିଶା ଅଧିକାର ପୂର୍ବକ ଏହାକୁ ବଙ୍ଗ ପ୍ରଦେଶ ଅଧୀନରେ ରଖିଲେ । ପରେ ପରେ ମୋଗଲମାନେ ଓଡ଼ିଶା ଅଧିକାର ପୂର୍ବକ ଏହାକୁ ଗୋଟିଏ ସୁବାରେ ପରିଣତ କରିଥିଲେ । ଏହାପରେ ମରହଟ୍ଟାମାନେ ଓଡ଼ିଶା ଅଧିକାର କରିଥିଲେ ହେଁ ସେମାନଙ୍କ ରାଜତ୍ୱରେ ଓଡ଼ିଶା ଶାସନରେ ବ୍ୟାପକ ଅସ୍ଥିରତା ସୃଷ୍ଟି ହୋଇଥିଲା । ୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ । ସେମାନେ ଓଡ଼ିଶାର ହଜାର ହଜାର ବର୍ଷର ଐତିହ୍ୟ ଓ ସଂସ୍କୃତି, ପରମ୍ପରାକୁ ଭ୍ରୂକୁଞ୍ଚନ କରି ଓଡ଼ିଶାର ଦକ୍ଷିଣାଞ୍ଚଳକୁ ମାନ୍ଦ୍ରାଜ ପ୍ରବେଶ, ପଶ୍ଚିମାଞ୍ଚଳକୁ ମଧ୍ୟପ୍ରଦେଶ ଓ ଉତ୍ତରାଞ୍ଚଳକୁ ବଙ୍ଗ ପ୍ରଦେଶରେ ମିଶ୍ରଣ କରିଦେଲେ । ଇଂରେଜମାନେ କପଟତା ଅବଲମ୍ବନ ପୂର୍ବକ ଓଡ଼ିଶା ଅଧିକାର କରିଥିବାରୁ ଓଡ଼ିଆ ଜାତି ଏହା ସହଜରେ ସ୍ୱୀକାର କରିନଥିଲା । ଏହା ବିରୁଦ୍ଧରେ ଓଡ଼ିଆମାନଙ୍କ ଦ୍ୱାରା ସଂଗଠିତ ୧୮୧୭ ମସିହାର ପାଇକ ବିଦ୍ରୋହ ଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ । ଏହି ପାଇକବୀରଙ୍କ ଭୟରେ ଇଂରେଜ ପ୍ରଶାସକମାନେ ଖୋର୍ଦ୍ଧା ପରିତ୍ୟାଗ ପୂର୍ବକ ପଳାୟନ କରିଥିଲେ । ଏହି କାରଣରୁ ଇଂରେଜମାନେ ଓଡ଼ିଆମାନଙ୍କୁ ଦୁର୍ଦ୍ଦଷ ବିବେଚନା କରି ଭୟରେ ବିଶାଳ ଓଡ଼ିଶାକୁ ଖଣ୍ଡଖଣ୍ଡ କରି ଭିନ୍ନ ଭିନ୍ନ ପ୍ରବେଶ ଅଧୀନରେ ରଖିଲେ । ୧୮୬୫-୬୬ରେ ଓଡିଶାରେ ବଡ଼ ନ'ଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ଏହି ଦୁର୍ଭିକ୍ଷରେ ଲକ୍ଷଲକ୍ଷ ଲୋକ ଅନାହାରରେ ପ୍ରାଣ ହରାଇଥିଲେ । ସରକାରୀ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ଏକଲକ୍ଷ ବୋଲି କୁହାଯାଇଥିଲା । ପ୍ରମୁଖ ଓଡ଼ିଶାବାସୀଙ୍କର ଦାବି ଓ ଆପତ୍ତିକ୍ରମେ ବିଲାତସ୍ଥିତ ଭାରତ ସଚିବ ଷ୍ଟାଫୋର୍ଡ ନର୍ଥକୋଟ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ ଯେ, ବଙ୍ଗ, ବିହାର ଓ ଓଡ଼ିଶାକୁ ଏକ ପ୍ରଦେଶ ରଖାଯାଇଥିବାରୁ ଏହି ବିଶାଳ ଭୂଖଣ୍ଡର ଶାସନ ନିୟନ୍ତ୍ରଣ କରିବା ସମ୍ଭବପର ହୋଇପାରିଲା ନାହିଁ ଏବଂ ଏହି କାରଣରୁ ଓଡ଼ିଶାର ଅକଥନୀୟ ଅବସ୍ଥା ଘଟିଲା । ପ୍ରକୃତପକ୍ଷେ ଏହା ପରଠାରୁ ୧୮୮୨ ମସିହାରେ "ଉତ୍କଳସଭା" ଗଠନ କରାଗଲା । ଅନେକ ଓଡ଼ିଆ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମିତ୍ତ ସରକାରଙ୍କ ଠାରେ ଦାବି ଜଣାଇଲେ । କାଳକ୍ରମେ ୧୯୧୧ ମସିହାରେ ବିହାର ଓ ଓଡ଼ିଶାକୁ ବଙ୍ଗପ୍ରଦେଶରୁ ଅଲଗା କରି ଏକ ମିଳିତ ପ୍ରଦେଶ ଭାବରେ ରଖିଲେ । ଏଥିରେ ମାନ୍ଦ୍ରାଜ ପ୍ରଦେଶସ୍ଥିତ ଓଡ଼ିଆ ଅଞ୍ଚଳ ମିଶିନଥିଲା । ୧୯୧୪ରେ ଉତ୍କଳ ସମ୍ମିଳନୀ ବୈଠକରେ, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନଧୀନ କରିବାକୁ ଆହ୍ୱାନ ଦିଆଗଲା । ୧୯୧୬ରେ ଚେମ୍‌ସଫୋର୍ଡ ଓ ମଣ୍ଟେଗୁଙ୍କୁ ନେଇ ଗଠିତ ଶାସନ ସଂସ୍କାର କମିଟି ନିକଟରେ ଓଡ଼ିଶାର ନେତୃବର୍ଗ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଦେଶ କରିବା ନିମିତ୍ତ ଦାବି ଉପସ୍ଥାପନ କଲେ । ବାଧ୍ୟବାଧକତାରେ ଉକ୍ତ କମିଟିର ସୁପାରିଶରେ ବିହାର ଓଡ଼ିଶା କାଉନସିଲରେ ପ୍ରସ୍ତାବ ଗୃହିତ ହୋଇଥିଲା । ଏହା କାର୍ଯ୍ୟକାରୀ ନହେବାରୁ ୧୯୨୦ରେ, ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରାଦେଶିକ କଂଗ୍ରେସ କମିଟି ଗଠନ କରାଯାଇ ଓଡ଼ିଆଙ୍କ ଦାବିକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ ବିହାର ଓଡ଼ିଶା କାଉନସିଲରେ ଓଡ଼ିଶାର ଦାବି ଜଣାଇଥିଲେ । ସେ ମଧ୍ୟ ଓଡ଼ନେଲ କମିଟି ନିକଟରେ ସାକ୍ଷ ଦେଇ ଦାବିର ଯଥାର୍ଥତା ପ୍ରତିପାଦନ କରିଥିଲେ । ୧୯୨୪ରେ ମଧୁସୂଦନ ଦାସ କଂଗ୍ରେସ ଓ ଅଣକଂଗ୍ରେସ ନେତାମାନଙ୍କ ସମନ୍ୱୟ କମିଟି ନିକଟରେ ଦୃଢ ଦାବି ଜଣାଇଥିଲେ । ୧୯୩୧ରେ ଲଣ୍ଡନଠାରେ ଗୋଲଟେବୁଲ ବୈଠକ ବସିଲା ଓଡ଼ିଶାରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସେ ବୈଠକରେ ପ୍ରତିନିଧିତ୍ୱ କରିଥିଲେ । ସେତେବେଳକୁ ପୂର୍ବ ନେତୃବୃନ୍ଦଙ୍କ ସହିତ ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ଅନନ୍ତ ମିଶ୍ର, ଆଗ୍ନର୍ଯ୍ୟ ହରିହର ଦାସ, ହରେକୃଷ୍ଣ ମହାତାବ, ସତ୍ୟବାଦୀ ମିଶ୍ର ପ୍ରଭୃତି ଅଗଣିତ ବିପ୍ଳବୀଙ୍କ ନେତୃତ୍ୱ ଓଡ଼ିଆ ଆନ୍ଦୋଳନକୁ ବ୍ୟାପକ କରିପାରିଥିଲା । ବିଶେଷତଃ ଛୁରୀଆନା କୁଞ୍ଜର ପଞ୍ଚସଖା ଓ ସତ୍ୟବାଦୀ ବନବିଦ୍ୟାଳୟ ତଥା 'ସମାଜ' ମାଧ୍ୟମରେ ଓଡ଼ିଶାବାସୀଙ୍କ ହୃଦୟରେ ଜାତୀୟ ଚେତନା ବିକାଶ ଲାଭ କରି ତୀବ୍ର ସ୍ୱରୂପ ଧାରଣ କରିଥିଲା । ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ, ନିଶା ନିବାରଣ, ଲବଣ ସତ୍ୟାଗ୍ରହ, ସରକାରୀ ଆଇନ ଅମାନ୍ୟ ଜୋରଦାର ଆରମ୍ଭ ହୋଇଯାଇଥିଲା । ପରିଶେଷରେ ତତ୍କାଳୀନ ଇଂରେଜ ସରକାର ୧୯୩୬ ଅପ୍ରେଲ ୧ ତାରିଖ ଠାରୁ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ପ୍ରଦାନ କଲେ । ଏହା ଭାରତର ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ହୋଇଥିଲେ ହେଁ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ମିଶିପାରି ନଥିଲା । ଉତ୍ତରରେ ଥିବା ମେଦିନୀପୁର, ସିଂହଭୂମି, ଧଳଭୂମି, ଗୁଇଁବସା, ଛୋଟନାଗପୁର, ଚକ୍ରଧରପୁର, ପଶ୍ଚିମରେ ଥିବା ବସ୍ତର, ରାୟପୁର, ଅମ୍ବିକାପୁର, ସୁରୁଗୁଜା, ଶ୍ରୀପୁର, ସିରିଆ ପ୍ରଭୃତି ଏବଂ ଦକ୍ଷିଣରେ ଥିବା ମଞ୍ଜୁସା, ଟିକାଲି, ଜଳନ୍ତର ପ୍ରଭୃତି ଏବେ ବି ଓଡ଼ିଶା ସହିତ ମିଶିପାରି ନାହିଁ । ଏହି ଖଣ୍ଡିତ ଓଡ଼ିଶା ପ୍ରଦେଶ ଦେଖିବା ନିମିତ୍ତ ଉତ୍କଳମଣୀ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମେତ ଅନେକ ଉତ୍କଳର ପ୍ରାଣନେତା ଜୀବିତ ନଥିଲେ । ଅତ୍ୟନ୍ତ ଦୁଃଖର କଥା-ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ୧୯୩୬ ମସିହାରେ ଗଠନ ହେଲା ସତ ଅଥଚ ଓଡ଼ିଶାବାସୀଙ୍କ ସ୍ୱପ୍ନ ଅଧୁରା ହୋଇ ରହିଗଲା ଏପରିକି, ଦେଶ ସ୍ୱାଧୀନ ହେଲା ପରେ ମଧ୍ୟ ଷଡେଇକଳା ଓ ଖରସୁଆଁ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଗଲା । ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆ ଭାଷାଭାଷୀଙ୍କ ଦୁଃଖ, ଦୁର୍ଦ୍ଦଶା ସ୍ୱଚକ୍ଷୁରେ ନଦେଖିଲେ ବିଚ୍ଛିନ୍ନତାର ଯନ୍ତ୍ରଣା ହୃଦୟଙ୍ଗମ କରିହେବ ନାହିଁ । ସ୍ୱାଧୀନତା ପରେ ଏହି ଅଞ୍ଚଳଗୁଡ଼ିକ ଓଡ଼ିଶାରେ ମିଶିବା ପାଇଁ ଓଡ଼ିଶାବାସୀଙ୍କ ବ୍ୟାପକ ଆନ୍ଦୋଳନ କରିଥିଲେ ହେଁ ଫଳ କିଛି ହେଲାନାହିଁ । କେବଳ ସୁନୀଲ ଓ ବେଙ୍ଗ ପାଣିଆ ଶହୀଦ ହୋଇଗଲେ । ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନର ଆଶ ଆଶାରେ ହିଁ ରହିଗଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ୮୫ବର୍ଷ ହେଲାଣି, ତଥାପି ଓଡ଼ିଶା ପଛୁଆ ରାଜ୍ୟ । ଯେଉଁ ଓଡ଼ିଆ ଭାଷାକୁ ଆଧାର କରି ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା, ସେହି ଓଡ଼ିଆ ଭାଷା ଆଜି ବିପନ୍ନ । ପ୍ରାଚୀନ ସାହିତ୍ୟ, ଅଭିଲେଖା, ବିଦେଶୀ ପରିବ୍ରାଜକଙ୍କ ବିବରଣୀ ପ୍ରଭୃତିରେ ବର୍ଣ୍ଣିତ ବିଶାଳ ଓଡ଼ିଶାର ସାମଗ୍ରିକ ଐତିହ୍ୟକୁ ଜଳାଞ୍ଜଳି ଦିଆଯାଇ ଏକ ଖଣ୍ଡିତ ପ୍ରଦେଶକୁ ଓଡ଼ିଶା ପ୍ରଦେଶ କୁହାଯାଉଥିବାରୁ ଏ ଦିଗରେ ରାଜ୍ୟ ସରକାର ବରୟାର ଦାବି କରିବାର ଆବଶ୍ୟକତା ନିତାନ୍ତ ଜରୁରୀ ବୋଲି ଓଡ଼ିଶାବାସୀଙ୍କ ମତ ।

+ରାଜ୍ୟ, ଜାତୀୟ, ଆନ୍ତର୍ଜାତୀୟ ସ୍ତମ୍ଭକାର ତଥା
ରାଜ୍ୟସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ
ଜିଲ୍ଲାପାଳ ରୋଡ଼, ଭଦ୍ରକ
ମୋ : ୯୪୩୮୪୪୬୫୭୫

ଓଡିଆ ମୋର ଭାଷା...

ପ୍ରଶାନ୍ତ କୁମାର ନାଥ

କି ସୁନ୍ଦର ମୋର ଓଡିଆ ଭାଷା
ମନକୁ ନିଏ କିଣି
ଓଡିଆ ପଢି ଓଡିଆ ଲେଖି
ପାରିବା ସବୁ ଜାଣି ।

ମଧୁର ଅଟେ ଭାଷାଟି ମୋର
ମଧୁର ତା'ର ନାମ
ଜୀବେନ ମିଳେ ଆନନ୍ଦ ଯେତେ
ଭାଷାକୁ କଲେ ପ୍ରେମ ।

କହି ଜାଣିଲେ ଭାଷା ସୁନ୍ଦର
ତାପରି କିଛି ନାହିଁ
ସେ ଭାଷା ସମ କିଏବା ଆଉ
ପାରିବ ସେତ ହୋଇ ।

ଭାଷାକୁ ପରା କଲେ ଆଦର
ଦିଏ ସେ ପରିଚୟ
ସ୍ୱାଭିମାନରେ ଜିଇଁବା ଆମେ
ନଥିବ ଜମା ଭୟ ।

କେତେ ସୁନ୍ଦର ଲାଗେ ମଧୁର
ସତେକି ମହୁ ଝରେ
ଜାଣିବ ତୁମେ ଭାଷାର ମଜା
ପଢିଲେ ପ୍ରେମେ ଥରେ ।ଞଞଞଞ

+ସୁନ୍ଦରପୁର,ଉ ରକୂଳହାଟ,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩

ଉତ୍କଳ ଜନନୀ...

ସୁଦର୍ଶନ ମହାପାତ୍ର



ଏ ମାଟି ସନ୍ତାନ ବୀର ପୁତ୍ର ଗଣ
ରଖିଲେ ଏ ଜାତି ଟେକ
ଭାଷା ଆନ୍ଦୋଳନ
କରିଲେ ପ୍ରଖର
ଉତ୍କଳ ହେଲା ସ୍ୱତନ୍ତ୍ର ।

କାନନ ତଟିନୀ ଗିରି ସୁଶୋଭିନୀ
ଉତ୍କର୍ଷ କଳାରେ ଦୀପ୍ତ
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଏଇ ମୋ ଉତ୍କଳ ମାତ ।

ଶାନ୍ତି ମୈତ୍ରୀ ପ୍ରୀତି
ଭାଇଚାରା ଭାବ
ଜାଗ୍ରତ ପ୍ରତି ଅନ୍ତରେ
ସ୍ନେହ ସଦିଚ୍ଛାର ରଜ୍ଜୁରେ ବନ୍ଧାଟି
ସବୁ ପ୍ରାଣ ଏ ମାଟିରେ ।

କଳା ନୈପୁଣ୍ୟର ନାହିଁ ପଟାନ୍ତର
ବିଶ୍ୱ ବକ୍ଷେ ଅଦ୍ୱିତୀୟ
କୋଣାରକ ଆମ ଗର୍ବ ଗଉରବ
ଗାଏ ଉତ୍କଳର ଜୟ ।

ପ୍ରସ୍ତର ଦେହରେ ସୂକ୍ଷ୍ମ କାରୁକାର୍ଯ୍ୟ
ଫୁଟେ ଶିଳ୍ପୀ ନିହାଣରେ
ଓଡ଼ିଶୀ ନୃତ୍ୟର ଛନ୍ଦ ପଦପାତ
ବିଖ୍ୟାତ ବିଶ୍ୱ ମଞ୍ଚରେ ।

ଏ ମାଟି ଗରଭେ ଭରିଛି ସମ୍ପଦ
ଅସୁମାରୀ ବଇଭବ
ବାଣିଜ୍ୟ ପ୍ରସାରେ
ଶ୍ରେଷ୍ଠ ଥିଲା ପରା
ଓଡିଆ ପୁଅ ସାଧବ ।

ଉତ୍କଳ ସଂସ୍କୃତି ସଙ୍ଗୀତ ସ୍ଥପତି
ଦେଶେ ବିଦେଶେ ବନ୍ଦିତ
ଉତ୍କଳ ଜନନୀ ପଦ କମଳରେ
କୋଟି କୋଟି ପ୍ରଣିପାତ ।

+କୁଞ୍ଜବିହାରୀ ଲେନ,କଟକ

ପ୍ରଣାମ ଉତ୍କଳ ମାତା...

ସୁବ୍ରତ ମଲିକ

ସାରା ରାଇଜରେ
ପଡ଼ିଅଛି ହୁରି
ଉତ୍କଳ ଦିବସ ଆଜି,
ଆବାଳବୃଦ୍ଧବନିତା ପାଳିବେ
ଅତୀତକୁ ନିଜ ହେଜି ।
ଭାରତ ବରଷେ ଭାଷା
ଭିତ୍ତେ ଗଢ଼ା
ପ୍ରଥମ ରାଇଜ ମୋର,
ଐତିହ୍ୟ ସଂସ୍କୃତି କଳା
ଭାସ୍କର୍ଯ୍ୟର
ନାହିଁ ଯା'ର ପଟାନ୍ତର ।

ଇତିହାସ କୁହେ
ବୀରତ୍ୱ କାହାଣୀ
ସମୟ ରହିଛି ସାକ୍ଷୀ,
ଦେଶ ଜାତି ପାଇଁ
ଏ ମାଟି ସନ୍ତାନ
ପ୍ରାଣକୁ ଦେଇଛି ତ୍ୟାଗୀ ।

ତପୀ ମୁନି ଋଷି ସାଧୁସନ୍ଥଙ୍କର
ଜନ୍ମସ୍ଥଳ ଏଇ ମାଟି,
ସାଧନା ବଳରେ
ଅସାଧ୍ୟ ସାଧିକି
ଆଣିଛନ୍ତି ବିଶ୍ୱେ କ୍ରାନ୍ତି ।

ମନ୍ଦିର ମାଳିନୀ
ଭୁବନେଶ୍ୱରଠୁ
ଜଗନ୍ନାଥ ଧାମ ପୁରୀ,
କୋଣାର୍କ ମନ୍ଦିର
ପୃଥିବୀ ବିଖ୍ୟାତ
ପାରିବ କି କେହି ଭୁଲି ।

ମହାନଦୀ ଧୁଏ ଚରଣ ଯୁଗଳ
ପାରାବର ଗାଏ ଗୀତି,
ଗିରିରାଜି ବନ ଜୀବନ୍ତ ପ୍ରତିମ
ସବୁଜିମାମୟ ଛାତି ।

ଗୁଣେ ମହନୀୟା
ସଦା ବନ୍ଦନୀୟା
ଓଡ଼ିଶା ମୋ ଜନ୍ମଭୂଇଁ,
ଲକ୍ଷେ ପୁଣ୍ୟ ବଳେ ତା
ଧରାପୃଷ୍ଠରେ
ଜନମ ଲଭିଛି ମୁହିଁ ।

ସଭାପତି, କନିଷ୍ଠ ଶିକ୍ଷକ
ସଙ୍ଘ,ଯୋଡ଼ା
ମୋ: ୭୦୦୮୩୧୫୯୧୬

ଉତ୍କଳ ସନ୍ତାନଞ...

ଦୁଷ୍ମନ୍ତ ବେହେରା

ଇତିହାସ ଯାର ଅଙ୍କେ ଆଙ୍କିଛି
ଅମର ଗାଥାର ପୁଷ୍ପା
ନୀରବ ଗମ୍ଭୀରେ
ଗାଏ ଗୌରବ
ଉତ୍କଳ ସନ୍ତାନ ଗାଥା !

ରୂପରେ ଯାର ବୀର କଳିଙ୍ଗ
କୀରତି ସାଯି ଟେକି ମଥା
ଶୀରୀ ଚିରି ଉତ୍କଳ ସନ୍ତାନ
ରଖିଛି ଗୌରବ ର ନାଁ !

ଚିତ୍ର ନୁହଁ ଏ ରକ୍ତ ଶରୀର
ଲିଭି ନାହିଁ ଦାଗ ଚିହ୍ନ
ଲୁଚି ରହିଛି ବୀର ପୁତ୍ରର
ଚିତ୍ର ସ୍ମୃତି ଚାରୁ ପଟ !

ଅମର ପୁତ୍ର କଳ୍ପନା ନେତ୍ରେ
ସ୍ୱପ୍ନ ଦେଖିଲେ ମାଟି ତାର
ଜାତିଜାତି ପ୍ରାଣ
ସ୍ୱାଧୀନ ହୋଇବେ
ବିଶ୍ୱ ମାତୃ ହୃଦୟେ !

ବୁକୁ ଚିରି ଛାତି ଶୋଇଛ ପୁତ୍ର
ଦେଶ ମାତୃ ମାଟିରେ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଗରିବ ଓ ମଧ୍ୟବିତ୍ତର ଦୁଃଖ ବୁଝିବ କିଏ ?...

ଭାରତରେ ମଧ୍ୟବିତ୍ତର ସଂଜ୍ଞା, ଆକାର, ପ୍ରକାର ଆଦିକୁ ନେଇ ଅର୍ଥନୀତିଜ୍ଞଙ୍କ ମଧ୍ୟରେ ବିବାଦ ରହିଆସିଛି। ବଜାର ଉପରେ ନିର୍ଭରଶୀଳ ଅର୍ଥନୀତିର ଗତି ନେଇ ଏହା ସର୍ବଦା ପରିବର୍ତ୍ତନଶୀଳ; ତେଣୁ ବିବାଦ ଅସ୍ୱାଭାବିକ ନୁହେଁ। ତଥାପି ଯାହାର ଆୟ ଦୈନିକ ୬୦୦୦ରୁ ୧୨୦୦ ଟଙ୍କା ଭିତରେ, ସେମାନଙ୍କୁ ମଧ୍ୟବିତ୍ତ ଶ୍ରେଣୀ ଭିତରେ ଯଦି ରଖାଯାଏ, ତେବେ ଆମ ଦେଶରେ ୨୦୨୦ରେ ମଧ୍ୟବିତ୍ତଙ୍କ ସଂଖ୍ୟା ୩୨ ନିୟୁତ ହ୍ରାସ ପାଇଛି ବୋଲି ଏକ ଆକଳନରୁ ଜଣାପଡ଼ିଛି। ଆମେରିକାର ବିଖ୍ୟାତ ଗବେଷଣା ସଂସ୍ଥା ପିଉ ରିସର୍ଚ୍ଚ ସେଂଟର ତା' ରିପୋର୍ଟରେ ଦର୍ଶାଇଛି ଯେ କରୋନା ଭୂତାଣୁ ସଂକ୍ରମଣଜନିତ ଆର୍ଥିକ ମାନ୍ଦାବସ୍ଥା ଲୋକଙ୍କ ଜୀବନଜୀବିକାକୁ ଗଭୀର ଭାବେ ପ୍ରଭାବିତ କରିଛି। ୨୦୧୧-୨୦୧୯ ମଧ୍ୟରେ ପ୍ରାୟ ୫୭ ନିୟୁତ ଲୋକ ନିଜର ଆୟ ବୃଦ୍ଧି କରି ମଧ୍ୟବିତ୍ତ ଶ୍ରେଣୀ ଭିତରେ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ମହାମାରୀ ସମୟରେ ଅତି ଗରିବ ଲୋକଙ୍କ ସଂଖ୍ୟା ୭୫ ନିୟୁତିରେ ପହଂଚିଥିଲା, ଯାହାଙ୍କ ଦୈନିକ ଆୟ ୬୦ ଟଙ୍କାରୁ କମ୍ ଅର୍ଥାତ ଦାରିଦ୍ର୍ୟ ବଢ଼ିଛି। ଏହି ସମାନ ରିପୋର୍ଟରେ ଅନ୍ୟତମ ଜନବହୁଳ ଦେଶ ଚୀନ କଥା ମଧ୍ୟ ରହିଛି। ଏହା ଅନୁଯାୟୀ ଚୀନରେ ମହାମାରୀଜନିତ ମାନ୍ଦାବସ୍ଥା ବା ରୋଜଗାରହୀନତା ଫଳରେ ୧୦ ନିୟୁତ ଲୋକ ମଧ୍ୟବିତ୍ତ ଶ୍ରେଣୀରୁ ବାଦ୍ ପଡ଼ିଛନ୍ତି; ତେବେ ୨ ଡଲାରରୁ କମ୍ ଆୟ କରୁଥିବା ଲୋକଙ୍କ ସଂଖ୍ୟାରେ ସେତେଟା ପରିବର୍ତ୍ତନ ଦେଖାଯାଇନାହିଁ। ଏହାରର ଅର୍ଥ ଚୀନ ଅପେକ୍ଷା ଭାରତର ମଧ୍ୟବିତ୍ତ ଶ୍ରେଣୀ ଉପରେ ମହାମାରୀର ପ୍ରକୋପ ଅଧିକ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ଭାରତ ସରକାର ବିଭିନ୍ନ ପ୍ରକାରର ରିଲିଫ୍ ପ୍ୟାକେଜ୍ ଘୋଷଣା କରିବା ସତ୍ତ୍ୱେ ଏପରି ହୋଇଛି। ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଯୋଗୁଁ ବ୍ୟବସାୟ ବାଣିଜ୍ୟ ଏବଂ ସମସ୍ତ ପ୍ରକାରର ଉଦ୍ୟୋଗ ମାସ ମାସ ଧରି ବନ୍ଦ ରହିବା ଫଳରେ ସ୍ୱାଭାବିକ ଭାବେ ଲୋକଙ୍କର ଆୟ ହ୍ରାସ ପାଇଥିଲା। ସରକାରଙ୍କର କେତେକ ଅପରିଣାମଦର୍ଶୀ ନୀତି କୁଟିର ଶିଳ୍ପ ଓ ଲଘୁ ଉଦ୍ୟୋଗୁଡ଼ିକର ଅଂଟା ଭାଙ୍ଗି ଦେଲା, ଯେଉଁଗୁଡ଼ିକ ଏବେ ମଧ୍ୟ ପୁନଃ ପ୍ରତିଷ୍ଠିତ ହେବାକୁ ସଂଘର୍ଷ କରୁଛନ୍ତି। ଫଳରେ ହଠାତ୍ କୋଟି କୋଟି ଲୋକ ବେରୋଜଗାର ହୋଇଗଲେ କିମ୍ବା ଅତି ଅଳ୍ପ ରୋଜଗାର କଲେ। ବର୍ତ୍ତମାନ ସୁଦ୍ଧା ବେରୋଜଗାର ବା ବେକାରୀ ଏକ ବଡ଼ ସଂକଟ ହୋଇ ରହିଛି, ଯାହାର ସମାଧାନ ସରକାରଙ୍କ ପାଖରେ ରହିଥିବା ବିଶ୍ୱାସ ହେଉନାହିଁ। ଭାରତରେ ବେକାରୀ ନେଇ ନିୟମିତ ଅନୁଧ୍ୟାନ କରୁଥିବା ସେଂଟର ଫର୍ ମନିଟରିଙ୍ଗ୍ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ)ର ତଥ୍ୟ ଅନୁଯାୟୀ ୨୦୨୧ ଫେବୃଆରୀରେ ବେକାରୀ ହାର ୬.୯ ଶତାଂଶ ହିସାବ କରାଯାଇଛି, ଯାହା ଗତବର୍ଷ ସେହି ସମାନ ମାସରେ ୭.୮ ଶତାଂଶ ଥିଲା, ଅର୍ଥାତ ଏବେ କିଛିଟା ଉନ୍ନତି ପରିଲକ୍ଷିତ ହୋଇଛି। ମାର୍ଚ୍ଚ ୨୦୨୦ରେ ବେକାରୀ ହାର ଥିଲା ୮.୮ ଶତାଂଶ, ଯେଉଁ ସମୟରେ ଲକ୍‌ଡାଉନ୍ ଘୋଷିତ ହୋଇଥିଲା। ଏପ୍ରିଲରେ ଏହା ୨୩.୫ ଓ ମେ'ରେ ୨୧.୭ ଶତାଂଶ ହୋଇଥିଲା। ଜୁନ୍ ଓ ଜୁଲାଇରେ ଏହା ଯଥାକ୍ରମେ ୧୦.୨ ଓ ୭.୪ ଶତାଂଶ ହୋଇଥିଲା, ଅର୍ଥାତ କ୍ରମଶଃ ସ୍ଥିତିରେ ଉନ୍ନତି ଘଟିଥିଲା। ତେବେ ଡିସେମ୍ବରରେ ପୁଣି ୯.୧ ଶତାଂଶ ହୋଇ ବେରୋଜଗାରୀ ବଢ଼ିଥିଲା। ଜାନୁଆରୀରେ ୬.୫କୁ ଖସିଆସିଥିଲା; ଅର୍ଥାତ ବେରୋଜଗାରୀ ହ୍ରାସ ପାଇଥିଲା। ତେବେ ଭାରତରେ ଏବେ ଦୈନିକ ଚିନ୍ତାଜନକ ଭାବେ ପୁଣିଥରେ କରୋନା ଭୂତାଣୁ ସଂକ୍ରମଣ ବୃଦ୍ଧି ପାଇଚାଲିଛି। କେତେକ ରାଜ୍ୟରେ ଲକ୍‌ଡାଉନ୍ ମଧ୍ୟ ଘୋଷଣା କରିବାକୁ ସେଠା ସରକାର ବାଧ୍ୟ ହୋଇଛନ୍ତି। ଏପ୍ରିଲ ସୁଦ୍ଧା କରୋନାର ଦ୍ୱିତୀୟ ଲହର ସମଗ୍ର ଦେଶକୁ ପ୍ରଭାବିତ କରିବ ବୋଲି କେହି କେହି ଆଶଙ୍କା ପ୍ରକାଶ କରିଛନ୍ତି। ଯଦି ସେପରି ହୁଏ, ତେବେ ପୁଣିଥରେ ଲକ୍‌ଡାଉନ ଓ ସଟଡାଉନ ଭଳି ପ୍ରତିଷେଧକମୂଳକ ପଦକ୍ଷେପ ନେବାକୁ ପଡ଼ିପାରେ। ଯଦି ସେହିପରି କଠୋର କଟକଣା କାର୍ଯ୍ୟକାରୀ ହୁଏ ତେବେ ଦେଶରେ ବେକାରୀ ହାର ପୁଣିଥରେ ବଢ଼ିବା ନିଶ୍ଚିତ; କାରଣ ଲୋକେ କର୍ମସଂସ୍ଥାନ ହରାଇବେ। ଯେଉଁମାନେ ଯେନତେନ ପ୍ରକାରେ ନିଜର ବ୍ୟବସାୟକୁ ଚଳାଇ ରଖିଛନ୍ତି, ସେମାନଙ୍କ ଆର୍ଥିକ ସ୍ଥିତି ଅଧିକ ଶୋଚନୀୟ ହୋଇପଡ଼ିବ।

ଉତ୍କଳ ଦିବସ..

କୁମୁଦ ଚନ୍ଦ୍ର ନାଗ

ଥିଲା ସେ ଦିନ,
ଉଣେଇଶ ଶହ ଛତିଶ ମସିହା
ଅପ୍ରେଲ ମାସ ଏକ ତାରିଖ
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ
ହୋଇଥିଲା ଗଠିତ ।

ସେହି ଦିନ ଠାରୁ ପ୍ରତି ବର୍ଷ ଅପ୍ରେଲ
ଏକ ତାରିଖକୁ,
ଉତ୍କଳ ଦିବସ ରୂପେ କରୁଛୁ ପାଳନ
ଆସ ସମସ୍ତେ ମିଳିମିଶି କରିବା
ଉତ୍କଳ ଦିବସ ପାଳନ ।
ଥିଲା ଆମ ଓଡ଼ିଶାର ପୂର୍ବ ନାମ
ଉତ୍କଳ,କଳିଙ୍ଗ, ଉତ୍କଳ
ବୀର ମାଟି ବୋଲି
ଜାଣନ୍ତି ପରା ସକଳ ।
ମଧୁସୂଦନ, ଗୋପବନ୍ଧୁ, ଗଙ୍ଗାଧର,
କୃଷ୍ଣଚନ୍ଦ୍ର ଗଜପତି

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ
କରିଥିଲେ ବୋଲି,
ତାଙ୍କୁ ଟିକେ ଆଜି
କରିବା ମନରେ ସ୍ମୃତି ।

ଧନ୍ୟ ତୁମେ ମହାପୁରୁଷ
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରି,
ସମସ୍ତଙ୍କ ମୁଖରେ
ଫୁଟାଇ ଥିଲ ହସ ।

ଯେଉଁ ମାଟିରେ ଫଳେ ସ୍ୱର୍ଣ୍ଣ ଧାନ
ଗଢି ଉଠିଛି କେତେ ମନ୍ଦିର ମାନ ।

ଯାହା ପାଦକୁ ଧୋଇ ଦେଇ ଯାଏ
ମହାନଦୀର ଜଳ
ସେହି ତୋ ଆମର ପ୍ରଦେଶ ଉତ୍କଳ
ସମୃଦ୍ଧ ସଂସ୍କୃତି ସୁଶୀଳ ଆମ୍ଭ ଓଡ଼ିଶା
ଯେଉଁ ଭାଷା କହିବାକୁ ଲାଗେ,
ସୁମଧୁର ସେହି ତୋ ଓଡ଼ିଆ ଭାଷା ।

ଓଡ଼ିଆ ବୋଲି ଆମର ଗର୍ବରେ
ଫୁଲି ଉଠେ ଛାତି
ନାହିଁ ଜାତି,ଧର୍ମ ସବୁ ଆମ୍ଭେ
ଭାଇ,ଭଉଣୀ ଓଡ଼ିଆ ଜାତି ।

ଓଡ଼ିଆ ବୋଲି ଜୀବନ ଯାଉ
ରାଜ୍ୟ ପ୍ରତି ଆମ୍ଭ
ସଦା ମମତା ଥାଉ ।

+ସନ୍ଧିକୁଲିଆରୀ,
ଧର୍ମଗଡ, କଳାହାଣ୍ଡି

ବିପିନ ବିହାରୀ ମହାନ୍ତି

ସ୍ୱାଧୀନ ଭାରତ ବନାମ ବିଖଣ୍ଡିତ ଉତ୍କଳ

ଇତିମଧ୍ୟରେ ଭାରତ ସ୍ୱାଧୀନତା ପ୍ରାପ୍ତିର ୬୫ବର୍ଷ ହୋଇଗଲା। ଏବେ ଆମେ ପରବର୍ତ୍ତୀ ସ୍ୱାଧୀନତା ଦିବସ ପାଳନକରିବାକୁ ଯାଉଛୁ। ଏହି ଅବସର ଗଣମାଧ୍ୟମରେ ପତ୍ରପତ୍ରିକାରେ ଖୁବ୍ ବଡ଼ ବଡ଼ ଅକ୍ଷରରେ ବିଭିନ୍ନ ରଂଗର ନାନାବିଧ ଚିତ୍ର ସହ ପ୍ରଗତିର ମାପକାଠିକୁ ଆମ୍ଭ ଗୌରବ ସହ ପ୍ରକାଶ କରୁଅଛୁ। ଆମେ ମାନୁଛୁ ଯେ ଆମକୁ ଆଉ କୌଣସି ବାହାର ଶକ୍ତି ଶାସନ କରୁନାହାଁନ୍ତି କି କୋଉ ବାହ୍ୟ ଶକ୍ତି ଦ୍ୱାରା ପରିଚାଳିତ ନୋହୁଁ ଅର୍ଥାତ୍ ଆମର ସାର୍ବଭୌମତ୍ୱ ଅଛି; ଆମର ଗଣତନ୍ତ୍ର ଶାସନ, ଆମେ ଧର୍ମ ନିରପେକ୍ଷ ଇତ୍ୟାଦି ଇତ୍ୟାଦି।

ପୁଣି କହୁଛୁ : ଏବେ ଆମେ କୃଷିରେ ଆମ୍ଭ ନିର୍ଭରଶୀଳ, ଶିଳ୍ପରେ ପ୍ରଗତିଶୀଳ, ଦେହକୁ ଉନ୍ନତ ସ୍ୱାସ୍ଥ୍ୟ ସେବା, ଗାଁମାନଙ୍କୁ ବିଜୁଳି ସେବା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପ୍ରତି ଗାଁକୁ ପିଚୁରାସ୍ତା, ଶିକ୍ଷାପାଇଁ ସର୍ବଶିକ୍ଷା ଯୋଜନା; ଗରିବ ଲୋକଙ୍କ ବାସଗୃହ ଯୋଗାଣରେ ଇନ୍ଦିରା ଆବାସ; ବି.ପି.ଏଲ୍‌ମାନଙ୍କ ପାଇଁ ରିହାତି ଦରରେ ନିୟନ୍ତ୍ରିତ ସାମଗ୍ରୀ ଯୋଗାଣ ଇତ୍ୟାଦି ବହୁତ କଥା ଦର୍ଶାଇ ବାହାଦୂରୀ ନେଉଛୁ।

ସ୍ୱାଧୀନତା ଦିବସ ପାଳନ ଅବସରରେ ରାଷ୍ଟ୍ରମୁଖ୍ୟଙ୍କ ଠାରୁ ଆରମ୍ଭ କରି, ରାଜ୍ୟ ମୁଖ୍ୟଙ୍କୁ ଧରି ଗ୍ରାମ ମୁଖ୍ୟଙ୍କ ପର୍ଯ୍ୟନ୍ତ ବାର୍ତ୍ତା ଓ ଭାଷଣବାଜି ଚାଲିଛି : ଏଷା କଲୁ; ଏହା କରୁଛୁ ଏବଂ ତେଷା କରିବୁ। ଏହି ଭାଷଣ ବାଜି ଭିତରେ ଗୋଟିଏ କଥା ସୁସ୍ପଷ୍ଟ ଯେ ଆମକୁ ସେମିତି ଛିଡ଼ା ହେବାକୁ ଦିଅ। ଆମେ ପ୍ରଭୁଥାଉ, ତୁମେ ସେବକ ଥାଅ।

ଏଇଟା ଖଟିଖିଆମାନଙ୍କର ସ୍ୱାଧୀନତା ନୁହେଁ; ଏବେ ସ୍ୱାଧୀନତା ପୂର୍ବରୁ "ଅପର୍ଦ୍ଧି ଏବଂ ଗୁରେଇ"ଙ୍କ ପରି ଅବହେଳିତମାନଙ୍କ ଠାରୁ ଲୋକେ ଅହୁରି ଦୟନୀୟ ଅବସ୍ଥାରେ ଅଛନ୍ତି। ପେଟକୁ ମୁଠାଏ ଦାନା ବିନା କିଏ କୋଉଠି ମରି ଶୋଉଛି, ଅସହାୟ ଶିଶୁଟିଏ ପଲିଥିନ ଗୋଟାଉଛି ନର୍ଦ୍ଦମା ଓ ଆବର୍ଜନା ପରିବେଶରୁ।

ଚିକିତ୍ସା ନାଁରେ ସେବା ମହଙ୍ଗା ଓ ଦୁର୍ଲ୍ଲଭ। ସେବା ନାଁରେ ଶୋଷଣ; ଶିକ୍ଷା ନାଁରେ ଅର୍ଦ୍ଧଶିକ୍ଷିତଙ୍କ ଚାଟଶାଳୀ, ଇନ୍ଦିରା-ଆବାସରେ ମୁଣ୍ଡ ଗୁଞ୍ଜୁ ନଗୁଞ୍ଜୁ ବହୁଛି ପାଣି; ବିପିଏଲ୍ ନାଁରେ ବେକାର ସୃଷ୍ଟି ଏବଂ ହଡ଼ପୀକରଣ; ନାରୀ ସୁରକ୍ଷା ନାଁରେ ଦିନ ଦ୍ୱି'ପହରେ ଧର୍ଷଣ ଏବଂ ହତ୍ୟା; ମୁଖରେ ବଦାନ୍ୟତାର ସ୍ୱର, ପକେଟ ଭିତରେ ଛୁରୀ, ତଳିପାରୁ ତୂଳି ଯାଏଁ ସରକାରୀ ବା ବେସରକାରୀ ଅନୁଷ୍ଠାନ ହେଉ, ସେବା ସଂସ୍ଥା ହେଉ; ଆଗଥୁଅ; ତା'ପରେ କୁହ। କାମକଥା ପରେ ଦେଖାଯିବ। ଏଇମାନେ ଯିଏ ହାତରେ ରାଜଦଣ୍ଡ ଧରିଛନ୍ତି, ସରକାରଙ୍କର ଗୁମାସ୍ତା ଗିରି କରନ୍ତି; ସରକାରଙ୍କ ତରଫରୁ କାର୍ଯ୍ୟନିର୍ବାହ କରନ୍ତି... ସେଇମାନେ ଯଥାର୍ଥରେ ସ୍ୱାଧୀନ। ସେମାନେ ସ୍ୱାଧୀନତ ଭାରତର ସନ୍ତାନ। ଆମେ ଯୋଉଁଠି ଅଛୁ ସେଇଠି। ଅଯଥାରେ ଖାଲି ସେମାନଙ୍କ କଥାରେ ଭୋଳ ହୋଇ ତାଙ୍କ ପାଳି ଧରୁଛୁ : ସ୍ୱାଧୀନ ଭାରତ କି ଜୟ। ଅମୁଖ ଢ଼ିମିକକି ଜୟ।

ଏଗୁଡ଼ାକ ସେହି ଅପର୍ଦ୍ଧି ଗୁଡ଼େଇଙ୍କର ସ୍ୱପ୍ନ ଯାହା ସ୍ୱପ୍ନରେ ରହିଯାଉଛି। ଆମ ସ୍ୱଦେଶରେ ଆମେ ଏବେ ପରାଧୀନ। ଆଉ ଏକ ଆନ୍ଦୋଳନ ଦରକାର। ଏ ମାଟିର ପରଦେଶୀଙ୍କୁ ମୂଳୋତ୍ପାଡ଼ିତ ପାଇଁ ଭିନ୍ନ ଏକ ବିପ୍ଳବ ଅବଶ୍ୟମ୍ଭାବୀ। ଏ ହେଲା ଜାତୀୟ ସ୍ତରର କଥା। ଏବେ ଆମେ ଓଡ଼ିଶା ଓ ଓଡ଼ିଆଙ୍କ କଥାକୁ ଆସିବା।ପରାଧୀନ ଭାରତର ଛିନ୍ନ ଅଞ୍ଚଳଗୁଡ଼ିକ ଏକତ୍ର ହୋଇ କଲେ ଅଖଣ୍ଡ ଭାରତ। ଅବଶ୍ୟ ଏହା ଧର୍ମକୁ ଭିତ୍ତିକରି ଇଂରେଜ କୂଟନୀତି ଯୋଗୁଁ ଦୁଇଖଣ୍ଡ ହେଲା। ଏହି ଅଖଣ୍ଡ ଭାରତର ଭାଷାକୁ ଭିତ୍ତିକରି ସ୍ୱାଧୀନତା ପୂର୍ବରୁ ଯେଉଁ ରାଜ୍ୟ ଗଠିତ ହୋଇଥିଲା, ସେମିତି ଏକ ରାଜ୍ୟ ହେଉଛି ଓଡ଼ିଶା ଯାହାକି ସ୍ୱାଧୀନ ଭାରତର ୧୧ତମ ରାଜ୍ୟ।

ଦେଶ ସ୍ୱାଧୀନ ଅର୍ଥାତ୍ ଅଗଷ୍ଟ ୧୫, ୧୯୪୭ ବେଳକୁ ବର୍ତ୍ତମାନ ଭାରତର ସମସ୍ତ ଅଂଶ ଭାରତର ଅଂଶ ବିଶେଷ ନଥିଲେ। ପରବର୍ତ୍ତୀ ସମୟରେ ସରକାରଙ୍କର ପ୍ରଚେଷ୍ଟାରୁ ହେଉ ଅଥବା କୌଣସି ଭୌଗୋଳିକ କାରଣରୁ ବଳପ୍ରୟୋଗ ଜନିତ କାରଣ ହେଉ, ଭାରତର ସଂପୂର୍ଣ୍ଣ ଏକତ୍ରୀକରଣ ହେଲା।

ଆମର ସ୍ୱାଧୀନ ଓଡ଼ିଶା ରାଜ୍ୟ "ଓଡ଼ିଶା', ଉତ୍କଳ ପ୍ରଦେଶ ଗଠନ ହୋଇଛି ୧୯୩୬ ଏପ୍ରିଲ୍ କହିଲାରୁ। ସ୍ୱାଧୀନ ଭାରତ ଗଠନର ସ୍ୱପ୍ନ ଗାନ୍ଧି, ନେହେରୁ... ଗୋପବନ୍ଧୁ ଇତ୍ୟାଦିଙ୍କର ବାସ୍ତବ ହେଲା ଅଥଚ ଏହାର ବହୁ ପୂର୍ବରୁ ଭାଷାକୁ ନେଇ ଗଠିତ ସ୍ୱାଧୀନ ଓଡ଼ିଶାର ନେତା ମଧୁସୂଦନ ଦାସ, ମହାରାଜ କୃଷ୍ଣଚନ୍ଦ୍ର ଦେବ, ଫକୀର ମୋହନ ସେନାପତି... ଇତ୍ୟାଦିଙ୍କର ସ୍ୱପ୍ନ ଏବେ ବି ଅଧୁରା ଅଛି। ଅଖଣ୍ଡ ବା ପୂର୍ଣ୍ଣାଙ୍ଗ ଓଡ଼ିଶା ଏବେ ବି ଅସଂପୂର୍ଣ୍ଣ। ପଲାସା, ଟେକ୍‌ଲି, ଜଳଂତର, ଇଛାପୁର, ବୁଢ଼ାରସିଂ, ତରଳା ଓ ପାରଳାଖେମୁଣ୍ଡିର ଅଧିକାଂଶ ଏବେ ଆନ୍ଧ୍ରରେ; ମଧ୍ୟ ପ୍ରଦେଶର ବସ୍ତର ପୂର୍ବାଂଶ ଫୁଲଝର, ଶରଣାଗଡ଼ ଓ ଯଶିପୁର, ଝାଡ଼ଖଣ୍ଡର ଷଢ଼େଇକଳା, ଖରସୁଆଁ ଏବଂ ସିଂହଭୂମି.... ବଙ୍ଗଳାରେ ଦକ୍ଷିଣ ମେଦିନାପୁର, ଛତିଶଗଡ଼ର ଅନେକ ଅଂଚଳ ଓଡ଼ିଶା ଅଧୁଷିତ। ସଂପୂର୍ଣ୍ଣ ଉତ୍କଳର ସ୍ୱପ୍ନ କ'ଣ ମରିଯିବ? ଆମର ଭାଇମାନେ ଅନ୍ୟ ଅଞ୍ଚଳରେ ପରାଧୀନ। ଓଡ଼ିଆର ସ୍ୱତନ୍ତ୍ରତା ହରାଇ ବସିଲେଣି ଓଡ଼ିଆମାନେ। ସେମାନେ ଯେ କେତେ ଅବହେଳିତ; ଅନ୍ତତଃ ସେ ଅଞ୍ଚଳ ଯିଏ ନବୁଲିଛି, ସେ ବୁଝିପାରିବ ନାହିଁ ସେମାନଙ୍କ ମନତଳର ଭାଷା। ଜାତି ଭାଇମାନଙ୍କୁ ଧରି ସୁଖ ବା ଦୁଃଖ ବଣ୍ଟାଯାଏ। ଭାଷା ଓ ଜାତ୍ରିପ୍ରେମ କୌଣସି ଓଡ଼ିଆ କେବେବି ସହିପାରିବ ନାହିଁ ତାଙ୍କ କଥା। ମୁଁ ମୋ ଜାତିଭାଇକୁ ଛାଡ଼ି ମୁକ୍ତ କଣ୍ଠରେ କହିପାରିବି କି (?) ଜୟ ସ୍ୱାଧୀନ ଭାରତ, ଯେ ଯାଏଁ ଓଡ଼ିଶାର ଜୟ ନ ହୋଇଛି।

ଆମେ ଏ ବାବଦରେ ଭାରତ ସରକାରଙ୍କ ପାଖରେ ବାରମ୍ବାର ପ୍ରଶ୍ନ ରଖି ଆସୁଛୁ ଯେ ଆମ ଅଞ୍ଚଳ ଆମକୁ ଫେରାଇ ଦିଅ। ଓଡ଼ିଶା ସରକାରଙ୍କୁ ବାଧ କରୁଛୁ, ତୁମେ ଲଢ଼। ଆମେ ଗୁଡାଏ କାଗଜ କଲମରେ ଚିତ୍‌କାର କରୁଛ ଛାଡ଼; ଆମ ଜାଗା ଆମକୁ ଛାଡ଼।

ବୋଧହୁଏ ଭାରତ ସରକାର କହୁଛନ୍ତି; ଯାହା ହେବାର ହେଲାଣି, ଛାଡ଼। ଓଡ଼ିଶା ସରକାର ଭାବୁଛନ୍ତି : ଯଦି ନ ହେଉଛି, ଛାଡ଼। ଆମେ କହୁଛୁ : ଛାଡ଼ି ଦେବାକି?

ଓଡ଼ିଶା ସରକାର (ଯିଏ ଯେତେବେଳେ ଆସନ୍ତୁ) ଖଣି ଯୋଜନା ପରିବେଶ ଯୋଜନା, ଶିକ୍ଷା ଯୋଜନା, କୃଷି ଯୋଜନା .... ଏମିତି ଯେତେ ଯୋଜନା ଅଛି, ସବୁ ଯୋଜନା ପାଇଁ ବୁଫ୍ରିଣ୍ଟ କରି ଅର୍ଥ ବ୍ୟବସ୍ଥା ହେଉଛି। ଅଥଚ ଓଡ଼ିଆ ଭାଷା ଓଡ଼ିଆ ବସବାସ ଅଞ୍ଚଳରେ ଏକତ୍ରୀକରଣ ଏବଂ ଓଡ଼ିଆଙ୍କ ଉନ୍ନତି କଳ୍ପେ କାହାରିବି ବୁଫ୍ରିଣ୍ଟ ନାହିଁ। ସେଠି ଅର୍ଥ କଥା ଉଠୁଛି କେଉଁଠି? କେହିବି କୌଣସି ସ୍ୱାଧୀନତା, ଗଣତନ୍ତ୍ର, ଉତ୍କଳ ବା ଓଡ଼ିଶା ଦିବସରେ ଓଡ଼ିଶା ଓ ଓଡ଼ିଆମାନଙ୍କ ପାଇଁ ଏହା କଲୁ କହି ବା ଦର୍ଶାଇ ଗଣମାଧ୍ୟମକୁ କିଛି ସନ୍ଦେଶ ଛାଡ଼ନ୍ତି ନାହିଁ। ଏ କ'ଣ ଓଡ଼ିଆପ୍ରୀତି?

ଦୁଃଖ ଯେ ଓଡ଼ିଆ ଜାତିର ସକଳ ସାମର୍ଥ୍ୟ ସତ୍ତ୍ୱେ ସେ ଆଜି କେତେ ଦୁର୍ବଳ। ଛିଃ॥

ଆମେ ଏବେ ସ୍ୱାର୍ଥାନ୍ଧ!

ଏଇଥିପାଇଁ ମଧୁବାବୁ ଯଥାର୍ଥରେ କହିଥିଲେ :

ଜାତି ନନ୍ଦିଘୋଷ ଚଳିବକି ଭାଇ
ସ୍ୱାର୍ଥକୁ ସାରଥୀ କଲେ...॥

ସଂପୂର୍ଣ୍ଣ ସ୍ୱାଧୀନ ଉତ୍କଳ ଭୂଖଣ୍ଡ ଗଠନ ହେଉ। ଓଡ଼ିଶାର ଜୟ ହେଉ।

+ବିପିନ ବିହାରୀ
ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

ମନୋରଞ୍ଜନ ବିଷୋୟୀ

ଯୁଗେ ଯୁଗେ ଉତ୍କଳ

"ବର୍ଷାଣାଂ ଭାରତ ଶ୍ରେଷ୍ଠ, ଦେଶାନାଂ ଉତ୍କଳ ଶ୍ଚତ୍ୟେ
ଉତ୍କଳସ୍ୟ ସମୋଦେଶ, ଦେଶୋନାସ୍ତି ମହୀତଳେ ।" (କପିଳ ସଂହିତା)

ଉତ୍କଳୀୟ ସଂସ୍କୃତି ବାସ୍ତବିକ ଆପଣାର ମହନୀୟତାରେ ଦୀପ୍ତିମାନ । ଲକ୍ଷ୍ୟକଲେ ଦେଖାଯାଏ ଯେ, ଓଡ଼ିଶାର ପ୍ରାଚୀନ ସଂସ୍କୃତି ମୁଖ୍ୟତଃ ଆଦିବାସୀମାନଙ୍କ ଦ୍ୱାରା ପ୍ରଭାବିତ । ଓଡ଼ିଶାର ଆଦିମ ଅଧିବାସୀମାନେ ଥିଲେ ଶବର । ପରବର୍ତ୍ତୀ ସମୟରେ ଏଠାକୁ ଆସିଥିଲେ ଦ୍ରାବିଡ଼ । ଏହା ସହ ଓଡ଼ିଶାର ଉତ୍ତର ଦିଗରୁ ଆର୍ଯ୍ୟମାନେ ପ୍ରଥମେ ସମତଳ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲେ । ବହୁ ଆଦିମ ଅଧିବାସୀ ଜଙ୍ଗଲକୁ ସେମାନଙ୍କ ବାସସ୍ଥାନ ବାଛି ନେଇଥିବା ବେଳେ; ଅନେକ ବଶ୍ୟତା ସ୍ୱୀକାର କରି ସେମାନଙ୍କ ସେବାକାରୀ ଭାବରେ ଜୀବନ ଅତିବାହିତ କରିଥିଲେ । ଏ ପରିପ୍ରେକ୍ଷୀରେ କହିରଖେ- ପ୍ରାଚୀନ ଓଡ଼ିଶା ଥିଲା ଜୈନ ଓ ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ । ପରବର୍ତ୍ତୀ ସମୟରେ ଏଠାରେ ଶୈବ, ଶାକ୍ତ ଓ ଗାଣପତ୍ୟଙ୍କ ପ୍ରଭାବ ପରିଲକ୍ଷିତ ହୋଇଥିଲା । କିନ୍ତୁ ଓଡ଼ିଶାର ରାଷ୍ଟ୍ରଦେବତା ଭାବରେ ଶବର ପୂଜିତ ଜଗନ୍ନାଥ ପ୍ରତିଷ୍ଠା ଲାଭ କରିଥିଲେ । ସୌଭାଗ୍ୟର କଥା ଓଡ଼ିଶାର ଅବସ୍ଥିତି ହେଉଛି ଉତ୍ତର ଓ ଦକ୍ଷିଣ ଭାରତର କେନ୍ଦ୍ରବିନ୍ଦୁ । କେବଳ ଭୌଗୋଳିକ ଦୃଷ୍ଟିରୁ ନୁହେଁ; ଭାଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଏହା ହେଉଛି ଉତ୍ତର ଓ ଦକ୍ଷିଣ ମଧ୍ୟରେ ଏକ ସେତୁ । ଭାରତବର୍ଷରେ ପ୍ରଚଳିତ ସଂସ୍କୃତ ଭାଷା ଜନସାଧାରଣଙ୍କ ଭାଷା ନଥିଲା । ସଂସ୍କୃତ ଭାଷାକୁ ସାଧାରଣ ଲୋକଙ୍କ ସ୍ତରକୁ ଆଣିବା ନିମନ୍ତେ ଆର୍ଯ୍ୟ ପଣ୍ଡିତମାନେ ମଧ୍ୟ ତତ୍ପର ନଥିଲେ । ତେଣୁ ଲୋକମୁଖର କଥିତ ପ୍ରାକୃତ ଭାଷା ଏଠାରେ ପ୍ରଚଳିତ ଥିଲା । ଏପରିକି ଗୌତମ ବୁଦ୍ଧ ଆପଣାର ଲବ୍ଧ ସତ୍ୟକୁ ଲୋକାନୁଭବର ସ୍ତରକୁ ଆଣିବା ଉଦ୍ଦେଶ୍ୟରେ ସେହି ପ୍ରାକୃତ ଭାଷାକୁ ମାଧ୍ୟମରୂପେ ଗ୍ରହଣ କରିଥିଲେ । ସେତେବେଳେ ସଂସ୍କୃତର ପ୍ରତିଷ୍ଠିତ ଅଭିମା



ଧାରାବାହିକ ପୌରାଣିକ ଉପନ୍ୟାସ

ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ଭାଗ-୧୨

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ତେଣୁ ରହିବା ଘରଟି ମଧ୍ୟ ସେମାନଙ୍କ ଘର ଠାରୁ ଦୂରରେ ରହିବା ସ୍ୱାଭାବିକ । ଏଥିପାଇଁ ଦୁଃଖ କରିବି କାହିଁକି ? ବରଂ ମୋ ଯୋଗ୍ୟତା ଅନୁସାରେ ମୋତେ ଘରଟିଏ ମିଳିଯାଇଛି ତାହାହିଁ ଯଥେଷ୍ଟ ।

ମୁଁ ସେଠି ରହିବା ପରଠାରୁ ବାପା ବେଳେବେଳେ ଆସନ୍ତି । ମୋ ସହ ସୁଖଦୁଃଖ ହୁଅନ୍ତି । ମୋ ମୁଣ୍ଡରେ ସସ୍ନେହରେ ହାତବୁଲାଇ କହନ୍ତି କିଛି ଅସୁବିଧା ହେଉନି ତ ବସୁ, ବାସ୍ ସେଇଥିରେ ହିଁ ମୁଁ ଭୁଲିଯାଏ ସବୁକିଛି । ସେତକରେ ହିଁ ମୁଁ ପ୍ରେରଣା ପାଏ । ନିଜ ମନକୁ ଦୃଢ଼ କରିନିଏ । ଭାବେ, ଶିକ୍ଷାଦୀକ୍ଷାରେ ରାଜକୁମାରମାନଙ୍କୁ ଟପିଯାଇ ପାରିଲେ ଜୀବନ ମୋର ସାର୍ଥକ ହେବ ।

ଆଶ୍ରମ ମଧ୍ୟରେ ରାଜକୁମାର ଓ ମୋ ମଧ୍ୟରେ ଥିଲା ଅନେକ ଦୂରତ୍ୱ । ହେଲେ ଖେଳକୁଦ ତଥା ଅନ୍ୟାନ୍ୟ ସମୟରେ ଆମେ ପରସ୍ପରକୁ ଭେଟୁଥିଲୁ । ତାଙ୍କ ସହ ନିବିଡ଼ ଭାବେ ମିଶିବାକୁ ପ୍ରଥମେ ମୋତେ ସଂକୋଚ ଲାଗୁଥିଲା । ହେଲେ, ଧୀରେଧୀରେ ସେମାନଙ୍କ ଗହଣରେ ନିଜର ଏକାକୀତ୍ୱକୁ ପାସୋରି ଗଲି । ରାଜକୁମାରମାନେ ମଧ୍ୟ ମୋତେ ତାଙ୍କ ମେଳରେ ଆମନ୍ତ୍ରଣ କରୁଥିଲେ । ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟୁଥିଲୁ । ଏମିତି ସୁଖଦୁଃଖ ବାଣ୍ଟୁଥିବା ସାଂଗସାଥୀ ମାନଙ୍କ ମଧ୍ୟରେ ଯେଉଁ ଦୁଇଜଣ ମୋର ବେଶି ନିକଟତର ହୋଇଗଲେ ସେମାନେ ହେଲେ ଜଣେ ଗୁରୁପୁତ୍ର ଅଶ୍ୱତ୍‌ଥାମା ଆଉ ଜଣେ ସ୍ୱୟଂ ମହାରାଜଙ୍କ ଜ୍ୟେଷ୍ଠକୁମାର ଦୁର୍ଯ୍ୟୋଧନ ।

ଗୁରୁଙ୍କ ନିର୍ଦ୍ଦେଶରେ ଆମେ ସବୁ ଅସ୍ତ୍ରଗୁଡ଼ିକର ନାମକରଣ ତଥା ତାହାର ସୂକ୍ଷ୍ମାତିସୂକ୍ଷ୍ମ ଅଂଶଗୁଡ଼ିକ ସହ ପରିଚିତ ହେଉଥିଲୁ । ଯେତେ ଯେତେ ଅସ୍ତ୍ରଗୁଡ଼ିକ ମୁଁ ଦେଖୁଥାଏ ସେତେସେତେ ମୋ ମନରେ ଉଦ୍‌ବେଳନ ଜାଗି ଉଠୁଥାଏ ।

ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ମଣିଷ । ବୁଦ୍ଧି ଓ ବିବେକ ପାଇଁ ପଶୁଠାରୁ ସେ ଅନେକ ଉର୍ଦ୍ଧ୍ୱରେ । ନିଜର ପ୍ରଚଣ୍ଡ ମେଧାଶକ୍ତି ବଳରେ ସେ ଆୟତ୍ତ କରିପାରିଛି ପ୍ରକୃତିକୁ । ସଂପୂର୍ଣ୍ଣ ଭାବରେ ନ ହେଲେ ବି ଜଳ, ସ୍ଥଳ, ଆକାଶ ମଣ୍ଡଳରେ ପରିକ୍ରମା କରି ବୁଝିବାକୁ ଚେଷ୍ଟା କରିଛି ସୃଷ୍ଟିର ରହସ୍ୟକୁ । ସୃଷ୍ଟିକୁ ଆହୁରି ସୁନ୍ଦର କରିବା ପାଇଁ ଚେଷ୍ଟା କରିଛି । ନିଜକୁ ବଣ୍ୟଜନ୍ତୁ ଠାରୁ ନିରାପଦ ରଖିବା ପାଇଁ ଆବଶ୍ୟକୀୟ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିଛି । ହେଲେ, ଏତେ ସଂଖ୍ୟକ ମାରଣାସ୍ତ୍ର ସେ ଗଢ଼ିପାରୁଛି କେମିତି ? ନିତିନିତି ନୂଆନୂଆ ଉଦ୍ଭାବନ ଦିଗରେ ସେ ସଦା ଚେଷ୍ଟିତ । ଯଦି ଯୁଗଯୁଗ ଧରି ଏମିତି ଅସ୍ତ୍ରଶସ୍ତ୍ର ଉତ୍ପାଦନ ଚାଲିଥିବ ତେବେ, ସତରେ କ'ଣ ଏ ମାଟିରେ ମଣିଷ ନିଃଶେଷ ହୋଇଯିବ । ଏଠି ଅସ୍ତ୍ର ବି ଅଛି, ତେଣୁ, ଯୁଦ୍ଧ ବି ଅଛି । ଯୁଦ୍ଧ ନଥିଲେ ଅସ୍ତ୍ର ପ୍ରୟୋଗ କରିବ କେଉଁଠି ? ତେଣୁ ଯୁଦ୍ଧପାଇଁ ଅସ୍ତ୍ରର ଆବଶ୍ୟକ । ଯୁଦ୍ଧରୁ ତ ହିଂସା, ବିଦ୍ୱେଷର ଜାତ । ଯୁଗଯୁଗ ଧରି ଏମିତି ଯଦି ଅସ୍ତ୍ରଗୁଡ଼ିକ ମଣିଷର ରକ୍ତ ଶୋଷୁଥିବ, ତେବେ ମଣିଷ ତ ମଣିଷ ନୁହେଁ, ପଶୁଠାରୁ ଆହୁରି ହୀନ ପାଲଟିଯିବ ।

ଏହି ଭାବନାରେ ମନ ମୋର ଅସ୍ଥିର ହୋଇ ଉଠୁଥିଲା । କାରଣ ମୁଁ ବି ଆଜି ସେଇ ପଥର ପଥିକ । ବୀରପୁରୁଷ ହେବା ଲକ୍ଷ୍ୟରେ ମୁଁ ବି ଏଠି ଆଶ୍ରୟ ନେଇଛି ଅସ୍ତ୍ର ବିଦ୍ୟାଶିକ୍ଷା କରିବାପାଇଁ । ମଣିଷ ରକ୍ତରେ ହୋରି ଖେଳିବାର ନିଶା ମୋତେ ମଧ୍ୟ ଘାରିଛି, ତେଣୁ ମୁଁ ବି ସେହି ପଥର ପଥିକ । ଅସ୍ତ୍ରଶିକ୍ଷା ବିଦ୍ୟାର ଶେଷ ପରିଣତି ଜାଣି ବି ସେଥିରେ ସାମିଲ୍ ହୋଇଛି । ରଣକ୍ଷେତ୍ରରେ ବୀର ପରି ଲଢ଼ି ବୀରଗତି ପାଇଲେ ଜୀବନକୁ ଧନ୍ୟ ମଣିବି । ତେଣୁ ଶାସ୍ତ୍ର ଓ ଶସ୍ତ୍ର ଉଭୟର ମୁଁ ଉପାସକ । ନିଜକୁ ମୁଁ ଯେତେ ନିର୍ଦ୍ଦୋଷ ବୋଲି ଭାବୁଥିଲେ ବି, ମୁଁ ଯେ ଶାସ୍ତ୍ରବିଦ୍ୟା ଶିକ୍ଷା କରିବାକୁ ଆସି ଏଠାରେ ଏକ ଅପରାଧି ପାଲଟି ଯାଇଛି । ଏହା ମୁଁ ମର୍ମେମର୍ମେ ଅନୁଭବ କରିପାରୁଥିଲି ।

ମୋ ମନରେ ଅସ୍ତ୍ର ଶିକ୍ଷା ପାଇଁ ଉତ୍କଣ୍ଠା । ଯେଉଁ ବିଦ୍ୟାକୁ ଆୟତ୍ତ କରିବା ପାଇଁ ଅନ୍ୟ ଶିଷ୍ୟମାନଙ୍କୁ ଦୁଇତିନି ମାସ ଲାଗି ଯାଉଥିଲା, ମୁଁ ତାକୁ ମାସକ ମଧ୍ୟରେ ଆୟତ୍ତ କରିନିଏ । ପରୀକ୍ଷା ଦିନ ଗୁରୁଦେବଙ୍କ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇ ତାଙ୍କର ପ୍ରଶଂସା ଭାଜନ ହୋଇପାରୁଥିଲି । ଅନୁଭବ କରିଥିଲି ମୋର ପ୍ରଚଣ୍ଡ ଧୀଶକ୍ତି ପାଖରେ ଗୁରୁଦେବ ମହମ ଭଳି ତରଳି ଯାଉଥିଲେ । ମୋତେ ଶ୍ରଦ୍ଧା କରୁଥିଲେ । ମୁଁ କ୍ରମଶଃ ଗୁରୁଦେବଙ୍କ ହୋଇ ଉଠୁଥିଲି ଅଧିକ ନିକଟତର । ତଥାପି କିଛି ଅଭାବ ରହିଯାଉଥିଲା ତାଙ୍କ ଠାରେ । ଭାବୁଥିଲି ଗୁରୁଦେବଙ୍କର ଯଦି ବାସ୍ତବରେ ମୋ ପ୍ରତି ଏତେ ଶ୍ରଦ୍ଧା, ସ୍ନେହ ତେବେ ମୋତେ ସୂତପୁତ୍ର ବୋଲି ସମ୍ବୋଧନ ନକରି କର୍ଣ୍ଣ ବୋଲି ଡାକିଲେ କ୍ଷତି କ'ଣ ? ଗୁରୁଦେବ କିନ୍ତୁ ମୋ ମନର ଭାବନାକୁ ଠିକ୍ ଭାବେ ଗ୍ରହଣ କରିପାରୁ ନଥିଲେ । ତାଙ୍କର ସେହି ସୂତପୁତ୍ର ସମ୍ବୋଧନ ମଧ୍ୟରେ ଯେଉଁ ତାଚ୍ଛଲ୍ୟତା ଭରି ରହିଥିଲା । ତାହା ହିଁ ମୋ ପ୍ରାଣକୁ ଆହୁରି ନିଷ୍ଠୁର କରି ତୋଳୁଥିଲା ।

ହୋଇପାରେ ମୁଁ ସୂତପୁତ୍ର । ହେଲେ ମୋତେ ଏହି ନାମରେ ଡାକିବା ପଛରେ ଯେଉଁ ହୀନମନ୍ୟତା ଓ ତାଚ୍ଛଲ୍ୟତା ଭରି ରହିଥିଲା । ତାହାହିଁ ମୋର ନିଜସ୍ୱ ଜିଦ୍‌କୁ ଦ୍ୱିଗୁଣିତ କରି ଦେଇଥିଲା । ମୋର ଉର୍ଦ୍ଧ୍ୱକୁ ଉଠିବାର ମାନସିକତା ପାଇଁ ଏକ ଆହ୍ୱାନ ଥିଲା । ପରବର୍ତ୍ତୀ ସମୟରେ ସେହି ବିଦ୍ରୂପ ହିଁ ମୋ ପାଇଁ ପାଲଟି ଯାଇଥିଲା ଆଶୀର୍ବାଦ । କାରଣ ସାରାଜୀବନ ମୁଁ ସେଇ ଜିଦ୍‌ରେ ଅଟଳ ରହି ଆଗକୁ ମାଡ଼ି ଚାଲିଛି । ଏ ଦୁନିଆକୁ ଦେଖାଇ ଦେଇଛି ବଡ଼ବୋଲି ଦାବି କରୁଥିବା ଲୋକ କେବେ ବଡ଼ ହୋଇପାରେନା କି ନିଜକୁ ଜ୍ଞାନୀ ବୋଲି ଦାବି କରି ଆସୁଥିବା ବ୍ୟକ୍ତି ପ୍ରକୃତରେ ଜ୍ଞାନୀ ହୋଇପାରେନା ।

ଜ୍ଞାନ ଆହରଣ କରିବାର ନିଶା ମୋତେ ପ୍ରବଳ ଭାବରେ ଘାରିଥିଲା । ଖୁବ୍ ଅଳ୍ପଦିନ ମଧ୍ୟରେ ମୁଁ ବିଭିନ୍ନ ପ୍ରକାର ଅସ୍ତ୍ର ସହ ପରିଚିତ ହୋଇଗଲି । ଜାଣିଗଲି ପ୍ରୟୋଗ କରିବାର କଳା, କୌଶଳ । କେଉଁ ବାଣର ଗତି କେତେ ପ୍ରଖର । କିଏ କେତେ ମାରାତ୍ମକ ତାହା ମୋର ମାନସପଟରେ ଆଙ୍କି ହୋଇ ରହିଗଲା । ଜଣେ ବଡ଼ ଧନୁର୍ଦ୍ଧାରୀ ହେବାପାଇଁ ମୋ ମନରେ ଥିଲା ପ୍ରବଳ ଆଗ୍ରହ । ତେଣୁ ଧନୁ ଓ ବାଣ ପ୍ରତି ମୋ ମନରେ ଆସକ୍ତି ବଢ଼ି ଯାଇଥିଲା । ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଅସ୍ତ୍ର ଅଭ୍ୟାସ ମୁଁ ନିୟମିତ କରୁଥିଲି । ବାଣ ମାନଙ୍କର ନାମ ମଧ୍ୟ କଣ୍ଠସ୍ଥ କରି ଦେଉଥିଲି । ଆଚାର୍ଯ୍ୟ ମଧ୍ୟ ମୋର ଏ ଉତ୍ସୁକତା ପାଇଁ ଭୂରିଭୂରି ପ୍ରଶଂସା କରୁଥିଲେ । କ୍ରମଶଃ ମୁଁ ତାଙ୍କର ନିକଟତର ହେଉଥିଲି । ଗୁରୁ ଆଶ୍ରମରେ ଅଧ୍ୟୟନ କାଳରେ ମୁଁ ଅସ୍ତ୍ରଶିକ୍ଷାରେ ଏମିତି ମଜି ଯାଇଥିଲି ଯେ ଘରକଥା ପାସୋରି ଯାଇଥିଲି । ବାପା, ମାଆ, ଆମ ଗାଁ, କୁଟୀର ମୋ ମନକୁ ସେତେ ବେଶି ଆସକ୍ତ କରିପାରି ନଥିଲା । ମୋର କେବଳ ଗୋଟାଏ ଲକ୍ଷ୍ୟ ଥିଲା, ମୁଁ କେମିତି ଜଣେ ବଡ଼ ଧନୁର୍ଦ୍ଧାରୀ ହେବି । ଆଉ ସେଇଥିପାଇଁ ସବୁ ବିଦ୍ୟାରେ ପାରଙ୍ଗମ ହେବାକୁ ପଡ଼ିବ । ଆଗାମୀ ଭବିଷ୍ୟତରେ ମୁଁ ହେବି ମହାବୀର କର୍ଣ୍ଣ । ପ୍ରତିଟି ସଂଧ୍ୟାରେ ସୂର୍ଯ୍ୟତର୍ପଣ କରିବା ମୋର ଥିଲା ନିତିଦିନର ଅଭ୍ୟାସ । ସେଦିନ ବି ସଂଧ୍ୟାରେ ଆଞ୍ଜୁଳାରେ ଜଳ ଭର୍ତ୍ତି କରି ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କଲି "ହେ ସୂର୍ଯ୍ୟଦେବ, ଆଜି ପର୍ଯ୍ୟନ୍ତ ତୁମେ ହିଁ କେବଳ ଜାଣିଥିଲେ ଜାଣିଥିବ ମୋ ଜୀବନର ଇତିବୃତ୍ତ । ସୂତପୁତ୍ର କଳଙ୍କରେ ମୋ ତନୁ ଜର୍ଜରିତ । ତେଣୁ ଅନ୍ତତଃ ପକ୍ଷେ ଜଣେ ବୀର ହେବାର ସୁଯୋଗ ମୋତେ ଦିଅ । ପରବର୍ତ୍ତୀ ଇତିହାସ ଦିନେ କହିବ, ବୀରର ଯୋଗ୍ୟତା କେବଳ କୁଳ, ଗୋତ୍ରରେ ନୁହେଁ, ନିଜ ବୀରତ୍ୱରେ ।

ସୂର୍ଯ୍ୟମଣ୍ଡଳର ତେଜୀୟାନ୍ ଜ୍ୟୋର୍ତିବଳୟ ମଧ୍ୟରୁ ସତେ ଯେମିତି ସୂର୍ଯ୍ୟଦେବ ହସୁଥିଲେ । ଆଉ ମୁଁ ତାଙ୍କରି ଆଡ଼କୁ ଚାହିଁ ଅନେକ କିଛି



ଆଶା କରୁଥିଲି । ଆଶାବାଦୀ ମନ ମୋର ଧାଉଁଥିଲା ଏଣେତେଣେ । ଜାଣେନା ଭାଗ୍ୟ ମୋତେ କେଉଁ ଆଡ଼କୁ ନେବ । ସତରେ କ'ଣ ମୋ ଆଶା, ସ୍ୱପ୍ନ ସାର୍ଥକ ହେବ ।

- ଏଗାର -

ଗୁରୁକୁଳ ଆଶ୍ରମର ପରମ୍ପରା ଓ ଶୃଙ୍ଖଳାରେ ଆମେ ସମସ୍ତେ ବାନ୍ଧି ହୋଇ ପଡ଼ିଥିଲୁ । ଗାଁରେ ମୁଁ ଯାହା ପାଇ ନଥିଲି, ଆଶ୍ରମ ଜୀବନରେ ସବୁକିଛି ଯେମିତି ମିଳି ଯାଇଥିଲା । ଅନେକ ସ୍ମରଣୀୟ ଅନୁଭୂତି ବେଳେବେଳେ ମନରେ ଉଦ୍ଦୀପନା ଆଣୁଥିଲା । ଯଦିଓ ରାଜକୁମାର ମାନଙ୍କ ଠାରୁ ବ୍ୟବଧାନ ରଖି ମୋତେ ଚଳିବାକୁ ପଡୁଥିଲା । ତଥାପି ଆମ ଭିତରେ ଥିଲା କିଛିଟା ଆକର୍ଷଣ । ବିଶେଷକରି ପରୀକ୍ଷାର ମୁହୂର୍ତ୍ତଗୁଡ଼ିକ ଥିଲା ବେଶି ସ୍ମରଣୀୟ । ଗୁରୁ ଯେତେବେଳେ ଆମକୁ ପରୀକ୍ଷା କରୁଥିଲେ କିଏ ଉତ୍ତମ ଛାତ୍ର ଭାବେ ବେଶି ନମ୍ବର ପାଇବ, ସେଥିପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା । ଆଉ ସେହି ପ୍ରତିଯୋଗିତା ଗୁଡ଼ିକରେ ସଫଳ ହେବାପାଇଁ ଅନ୍ୟମାନଙ୍କ ମନରେ ଯାହା ଥାଉନା କାହିଁକି, ମୋ ମନରେ କିନ୍ତୁ ଥିଲା ଦୁର୍ବାର ନିଶା । ଶିକ୍ଷାଦାନ କ୍ଷେତ୍ରରେ ଶିଷ୍ୟମାନେ ଗୁରୁଙ୍କ ଶିକ୍ଷାକୁ ଠିକ୍‌ଭାବେ ଗ୍ରହଣ କରୁଛନ୍ତି କି ନାହିଁ ସେଥିନିମନ୍ତେ ଗୁରୁଦେବଙ୍କ ପାଖରେ ଆମକୁ ପରୀକ୍ଷା ଦେବାକୁ ପଡୁଥିଲା । ଶିକ୍ଷାୟତନର ଏ ପରମ୍ପରାକୁ ଆମେ ସମସ୍ତେ ମାନି ନେଇଥିଲୁ । ଦିନକର ଘଟଣା । ରାଜକୁମାର ମାନେ ଏକାଠି ବସିଥିଲେ । ମୁଁ ବି ସେମାନଙ୍କ ଠାରୁ କିଛିଟା ଦୂରରେ ବସିଥାଏ, ଗୁରୁଦେବ ଆମ୍ଭମାନଙ୍କୁ ଅସ୍ତ୍ର ମାନଙ୍କର ନାମ ପଚାରୁଥିଲେ । କେବଳ ଦୁଇଟି ମାତ୍ର ନାମ କହି ଅଟକିଗଲେ ଦୁର୍ଯ୍ୟୋଧନ । ପ୍ରତି ପ୍ରଶ୍ନର ଆଗତୁରା ଉତ୍ତର କହିବା ତାଙ୍କର ଏକ ବଦଅଭ୍ୟାସ । ଅନ୍ୟ କେହି କାଳେ ଆଗେ କହିଦେବ ତେଣୁ ଦୁର୍ଯ୍ୟୋଧନ ନିଜଆଡୁ ଆଗ କହିଦେଇ ବେଶ୍ ବାହାବା ନିଅନ୍ତି । ଆଉ ତାଙ୍କର ଏହି ଆତ୍ମଗର୍ବ ଗୁଣଟିକୁ ଅନେକେ ସହି ନପାରିଲେ ବି ନିରବ ରହନ୍ତି । ହେଲେ ଭୀମସେନ କିନ୍ତୁ ରୋକ୍‌ଠୋକ୍ ଜବାବ ଦେଇଥାନ୍ତି ତାଙ୍କ ମୁହଁରେ । କିଛିନା କିଛି କହି ଦୁର୍ଯ୍ୟୋଧନଙ୍କ ପ୍ରତିଦ୍ୱନ୍ଦ୍ୱୀ ସାଜନ୍ତି । ବେଶ୍ କୌତୁକ ଲାଗେ ସେ ଦୁହିଁଙ୍କ ବାକ୍ୟାଳାପ । ପରସ୍ପର ମଧ୍ୟରେ ପ୍ରତିଯୋଗିତା ହେବା କିଛି ଖରାପ ନୁହେଁ । ସେ ତ ସ୍ୱାଭାବିକ । କାରଣ ଜଣେ ଉତ୍ତମ ଛାତ୍ରର ଲକ୍ଷଣ ତ ସେଇଆ । ଅନ୍ୟମାନଙ୍କ ଠାରୁ ଟପିଯିବାରେ ତାର ଆନନ୍ଦ । ଏ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କିନ୍ତୁ ଭିନ୍ନ ଧରଣର । ଅନ୍ୟାନ୍ୟ କୁମାର ମାନଙ୍କ ଠାରୁ ସେ ଦୁହିଁଙ୍କର ପ୍ରତିଦ୍ୱନ୍ଦ୍ୱିତା ଖୁବ୍ ବେଶି । ସତେ ଯେମିତି ଦୁହେଁ ଦୁହିଁଙ୍କ ଆଜନ୍ମ ଶତ୍ରୁ ।

ମୁଁ କିଛି ଭାବି ପାରେନି । ଗୁରୁଦେବ ତ ସବୁବେଳେ କହୁଥିଲେ ପ୍ରତ୍ୟେକ ମଣିଷ ଭାଇଭାଇ । ସମସ୍ତଙ୍କ ଦେହରେ ଏକା ରକ୍ତ । ତେଣୁ ପରସ୍ପର ପ୍ରତି ହିଂସା, ଦ୍ୱେଷ, କ୍ରୋଧ ଭାବ ନ ରଖି ଶ୍ରଦ୍ଧା ଭ୍ରାତୃତ୍ୱ ଭାବରେ ଚଳିଲେ ସମାଜ ମଧ୍ୟ ବସୁଧୈବ କୁଟୁମ୍ବକମ୍ ହୋଇଯିବ । ହେଲେ ଏଠି ତ ଏକା ପରିବାରର ଭାଇଭାଇ ମଧ୍ୟରେ ଭଲ ସଂପର୍କ ରହୁନାହିଁ । ତେଣୁ ଏଠି ଏ ବିଦ୍ୟାର ମୂଲ୍ୟ କ'ଣ ? ତା'ଛଡ଼ା ଏସବୁ କ'ଣ ବିଦ୍ୟାର ଦୋଷ ? ପୋଥିରେ ଯାହା ଲେଖାଯାଇଛି ତାହା ତ କେବେ ଭୁଲ୍ ହୋଇପାରେନା । ବରଂ ଭୁଲ୍ ଆମ ନିଜର । ଆମେ ନିଜେ ଯଦି ଅମଣିଷ ହୋଇ ପରସ୍ପର କଳିଗୋଳ କରୁ ତେବେ କ'ଣ ପୋଥିଗତ ବିଦ୍ୟାକୁ ଦୋଷ ଦେବୁ । ଏଇଠି ତ ପୁଣି ଅନ୍ୟମାନେ ଅଛନ୍ତି । ଭାଇଭାଇ ପରି ଚଳୁଛନ୍ତି । ତେବେ, ଆମରି ଭିତରୁ କେତେଜଣଙ୍କ ଏଭଳି ଅମଣିଷପଣ ଯୋଗୁଁ ଆଜି ଆମ ସମସ୍ତଙ୍କ ଅବସ୍ଥା ଏଇଆ । ମୁଁ ତେଣୁ ବାସ୍ତବରେ ସେମାନଙ୍କର ଏଭଳି ଆଚରଣକୁ ସମର୍ଥନ କରି ପାରୁ ନଥିଲି । ତା'ଛଡ଼ା ମୁଁ ସେମାନଙ୍କ ପରି ରାଜକୁମାର ମଧ୍ୟ ନୁହେଁ । ତେଣୁ ମୁଁ ସେମାନଙ୍କୁ ସଦୁପଦେଶ ଦେବାକୁ କିଏ ? ବରଂ ଏ ସବୁ କ୍ଷେତ୍ରରେ ନିରବତା ରହିବା ହିଁ ଶ୍ରେୟସ୍କର । ଗୁରୁ ଆଶ୍ରମରେ ମୁଁ ଥିଲି ଅନ୍ୟମାନଙ୍କ ଠାରୁ ଭିନ୍ନ । ସୂତପୁତ୍ର ଭାବେ ଯେତିକି ଯୋଗ୍ୟତା ପାଇବା କଥା, ସେତିକିରେ ମୋର ସନ୍ତୁଷ୍ଟ ହେବା ଉଚିତ । ତେଣୁ କଥା କହିବା, ଚାଲିଚଳଣି ସବୁଥିରେ ମୋତେ ଏଠି ଜଗି ଚଳିବାକୁ ପଡୁଥିଲା ।

(କ୍ରମଶଃ)

ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

ଯେତେ ଖରାପ ମଣିଷ ସେତେ ବେଶୀ ଶ୍ରଦ୍ଧା

ସମ୍ପର୍କର ରଙ୍ଗ

[redacted]

ଆମକୁ ଦୁଃଖ ଦେଉଥିବା ସମ୍ପର୍କୀୟମାନଙ୍କ ପ୍ରତି ସବୁବେଳେ ଆମ ମନରେ ଅଭିମାନ ଥାଏ, ଅଭିଯୋଗ ଥାଏ,ଦୁଃଖ ଥାଏ ଯାହା ଆମେ ପ୍ରକାଶ କରିପାରନ୍ତି ନାହିଁ କିମ୍ବା ସହିବା ମଧ୍ୟ ସମ୍ଭବ ହୋଇନଥାଏ। ଏସବୁ ଚିନ୍ତା କରି କରି ଆମେ ଅସନ୍ତୋଷରେ ରହନ୍ତି, ଦୁଃଖରେ, ଅନୁଶୋଚନାରେ ରହନ୍ତି। ସମ୍ପର୍କ ଭାଙ୍ଗିଯିବାର ଭୟରେ ଆମେ କିଛି କୁହନ୍ତି ନାହିଁ ସତ, ହେଲେ ଆମ ମନକୁ, ଆତ୍ମାକୁ ସାରାଦିନ ଏସବୁ କଥା କହି କହି ରୋଗଗ୍ରସ୍ତ କରିଦିଅନ୍ତି, ରକ୍ତଚାପ ବଢାନ୍ତି,ଖାଇବା ବି ବିଷ ପରି ମନେହୁଏ। କିଛି କହିହୁଏନି କି ସହି ହୁଏନି। ଆପଣ ଯଦି ନିଜ ପରିବାରରେ ଏମିତି ସମସ୍ୟାର ସମ୍ମୁଖୀନ ହେଉଥାନ୍ତି ତେବେ ନିଜକୁ ଠିକ୍ ରଖିବା, ଖୁସି ରଖିବା ଏବଂ ମାନସିକ ଚାପରୁ ଦୂରେଇ ରହିବାର ଏକମାତ୍ର ସମାଧାନ ଉପଯୋଗ କରନ୍ତୁ। ତାହା ହେଲା ଅନ୍ୟମାନଙ୍କୁ ବଦଳାଇବାର ଚେଷ୍ଟା ଛାଡି ନିଜର ବିଚାର ବଦଳାନ୍ତୁ।

ପ୍ରତି ସମସ୍ୟାକୁ ଭାବିନିଅନ୍ତୁ ଇଶ୍ୱରଙ୍କ ଇଚ୍ଛା ଓ ଏହାର କିଛି କାରଣ ଥାଇପାରେ। ଧ୍ୟାନ ଦିଅନ୍ତୁ ସମୟ ଉପରେ। ଆମେ ଯଦି ରାତିରେ ସୂର୍ଯ୍ୟ ଦେଖିବାର ଇଚ୍ଛା ରଖିବା ଏହା ଆମର ମୂର୍ଖାମୀ। ଏ ସମୟ କଳିର ସମୟ। କଳିଯୁଗର ବିଶେଷତଃ ହେଲା ନକରାତ୍ମକ ବିଚାର ଯଥା-ଚୋରି, ନାରୀ, ଧୋକା, ବେହିମାନୀ, ଅନ୍ୟାୟ, ଅତ୍ୟାଚାର, ଅଧର୍ମ, ନିନ୍ଦା, କଳି ତକରାଳ ଇତ୍ୟାଦି। କଳିଯୁଗର ମଣିଷମାନେ ବି ଅଯବ ଅଯବ ବ୍ୟବହାର କରିବେ। ଯାହାଠୁ ଉପକାର ପାଇବେ ତାହାର ଅପକାର ଚିନ୍ତା କରିବେ, ଯାହାଠୁ ସହଯୋଗ ପାଇବେ ତାକୁ ହଇରାଣ କରିବେ, ଯାହାଠୁ କ୍ଷମା ପାଇବେ ତାକୁ ଦୋଷୀ ସାବ୍ୟସ୍ତ କରି ଦେବେ, ଯାହାଠୁ ନ୍ୟାୟ ପାଇବେ ତା ସହିତ ଅନ୍ୟାୟ କରିବେ, ଯାହାଠୁ ସମ୍ପତ୍ତି ପାଇବେ ତାକୁ ଭିକାରୀ କରି ଦେବେ, ଯାହାଠୁ ପ୍ରେମ ପାଇବେ ତାକୁ ପ୍ରତାରଣା ଦେବେ, ଯାହାଠୁ ସମ୍ମାନ ପାଇବେ ତାକୁ ନିନ୍ଦା ଦେବେ, ଯାହାଠୁ ଆଶୀର୍ବାଦ ପାଇବେ ତାକୁ ଅଭିଶାପ ଦେଇଦେବେ, ଯାହାଠୁ ମଙ୍ଗଳକାମନା ପାଇବେ ତାର ଅମଙ୍ଗଳ ଚିନ୍ତା କରିବେ।

ତେଣୁ କଳିଯୁଗରେ ଯେତେବେଳେ ପ୍ରତିଟି ଆତ୍ମା ସମୟ ପ୍ରଭାବରେ,କଳି ପ୍ରଭାବରେ ପ୍ରଭାବିତ, ଆମକୁ ଭାବିନେବାକୁ ହେବ ଏମାନେ ଅସଂସ୍କାରର ରୋଗଗ୍ରସ୍ତ। ଯେଉଁ ଆତ୍ମା ଯେତେ ଖରାପ,ତାର ସଂସ୍କାର ଯେତେ ଖରାପ ତାକୁ ସେତେ ବେଶୀ ଶ୍ରଦ୍ଧାର ଆବଶ୍ୟକତା ଅଛି। ପ୍ରଥମରୁ ଖରାପ ଥିବା ଆତ୍ମା ବା ମଣିଷକୁ ଯଦି ଖରାପ ଖରାପ କହି ତା ସହିତ ଖରାପ ବ୍ୟବହାର କରାଯାଏ ତେବେ ସେ ଆହୁରି ଖରାପ ହେବ, ତା'ର ସଂସ୍କାର ଆହୁରି ଖରାପ ହେବ।

ଯଦି ଜଣେ କୌଣସି ରୋଗରେ ପୀଡିତ ଥାଆନ୍ତି ଆମେ ତାଙ୍କର ଚିକିତ୍ସା କରିଥାନ୍ତି ଭଲ ହେବାପାଇଁ। ଯଦି ଆମେ ରୋଗର ଉପଚାର ନକରି ସେମିତି ଛାଡିଦେବା ତ ରୋଗ ଆହୁରି ବଢିବ,ଚାରିଆଡକୁ ସଂକ୍ରମିତ କରିବ। ତେଣୁ ଅସଂସ୍କାର ରୋଗରେ ଆକ୍ରାନ୍ତ ରୋଗୀକୁ ସୁସ୍ଥ କରି

ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର,୩୧।୩ (ନି.ପ୍ର): ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ନବନିର୍ବାଚିତ କର୍ମକର୍ତ୍ତାମାନେ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଓ ପୁରାତନ କର୍ମକର୍ତ୍ତାମାନଙ୍କ ମିଳିତ ବୈଠକରେ ନୂତନ ସଭାପତି ମମତା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସାଧାରଣ ସଂପାଦକ ନିରଞ୍ଜନ ପରିଡ଼ା ନବନିର୍ବାଚିତ ସାଧାରଣ ସଂପାଦକ ପ୍ରଦୀପ ଦାସଙ୍କୁ ଓ କୋଷାଧ୍ୟକ୍ଷ ଇଂ.ବନମାଳୀ ନାୟକ ନବନିର୍ବାଚିତ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ସଭାପତି ଓ ସଂପାଦକ ଆଗାମୀ ଦିନରେ ଜିଲାବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ବୈଠକରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସାଂଗଠନିକ ସମ୍ମିଳନୀ ଓ ସାଧାରଣ ସଭାରେ ଗୃହୀତ ପ୍ରସ୍ତାବଗୁଡ଼ିକ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ମେଡିକାଲ କଲେଜ ହସପିଟାଲ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ଓ ଛୁଟିଦିନମାନଙ୍କରେ ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥାନ ସହ ରୋଗ ନିରୂପଣ ପାଇଁ ଆବଶ୍ୟକୀୟ ପରୀକ୍ଷା ଗୁଡ଼ିକ ଚାଲୁ ରଖିବାକୁ ଜିଲାପାଳ, ସୁପରିନଟେଣ୍ଡେ, ଏବର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତୁରନ୍ତ ସାକ୍ଷାତ ଆଲୋଚନା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରତି ସାପ୍ତାହିକ ବୈଠକରେ ସମୀକ୍ଷା ଓ ଆଗାମୀ ସପ୍ତାହ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରାଯିବାକୁ କୁହାଯାଇଛି। ଜିଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀସେବା ସଂପର୍କିତ ବିବରଣୀ ସ୍ଥାନୀୟ କ୍ରିୟାନୁଷ୍ଠାନ କମିଟିମାନେ ଜିଲା କମିଟିକୁ ଅବଗତ କରାଇବାକୁ ଅନୁରୋଧ କରାଯାଇଛି। ହୃଦରୋଗ, ସ୍ନାୟୁ ଓ ମାନସିକ ରୋଗ ପ୍ରଭୃତି ରୋଗର ଚିକିତ୍ସା ପାଇଁ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସଂପର୍କରେ କ୍ରିୟାନୁଷ୍ଠାନ କମିଟି ଗୁରୁତ୍ୱାରୋପ କରିଛି। ଏ ଦିଗରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବିଭାଗକୁ ଅତୀତରେ ବହୁବାର ଦାବି କରାଯାଇଥିଲେ ମଧ୍ୟ କୌଣସି ସଫଳତା ମିଳିନାହିଁ। ତେଣୁ ପୁନଶ୍ଚ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବହୁ କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଅଖିଳ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ କ୍ରିୟାନୁଷ୍ଠାନ କମିଟିର ସଭାପତି ମମତା ମହାପାତ୍ର, ସଂପାଦକ ପ୍ରଦୀପ ଦାସଙ୍କ ସମେତ ପ୍ରଫେସର ଅନନ୍ତ କୁମାର ପ୍ରଧାନ, ନିରଞ୍ଜନ ପରିଡ଼ା ଓ ଅନିମା ଜେନା ପ୍ରମୁଖ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ଜଗଦେବଙ୍କ ସହ ଆଲୋଚନା କରିଥିଲେ। ଛୁଟିଦିନମାନଙ୍କରେ ରୋଗ ନିରୂପଣ ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକ ଖୋଲା ରହିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିବାର ଜଣାଯାଇଛି।

ନବ ନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୩୧।୩ (ନି.ପ୍ର): କେନ୍ଦ୍ରାପଡାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୂଜ୍ୟପୂଜା ସଂସଦ ପକ୍ଷରୁ କେନ୍ଦ୍ରାପଡା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସଂସଦର ସଭାପତି ସମାଜସେବୀ ପ୍ରଦୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଆଇନଜୀବି ଉମେଶ ସିଂହ ଓ ଅକ୍ଷୟ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂସଦର କାର୍ଯ୍ୟକାରୀ ସଭାପତି ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ଓ ମୁକ୍ତାର ଖାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନବ ନିର୍ବାଚିତ ସଭାପତି ଆଶୁତୋଷ ମହାନ୍ତି, ସଂପାଦକ ସେକ ଅଜିମୁଦ୍ଦିନ୍, ଉପ ସଭାପତି ଜିତେନ୍ଦ୍ର ମହାନ୍ତି, ଯୁଗ୍ମ ସଂପାଦକ ଅକ୍ଷୟ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ନିରାକାର ପ୍ରଧାନ, କାର୍ଯ୍ୟକାରୀ ପରିଷଦ ସଦସ୍ୟ ସୁବାଷ ରାଉତ ପ୍ରମୁଖଙ୍କୁ ଉପଢୋକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

ଶହୀଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବ ପାଳିତ

ଭୁବନେଶ୍ୱର,୩୧।୩ (ନି.ପ୍ର): ଆଦିବାସୀ ଜୀବନର ଚିରନ୍ତନ କାହାଣୀ ତଥା ଗତାନୁଗତିକତାର ପ୍ରାଚୀନକୁ ଭାଙ୍ଗି ନୂଆ ଚିନ୍ତା ଓ ଚେତନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଭୂମିକା ଅବିସ୍ମରଣୀୟ । ତାଙ୍କର ଅସୀମ ତ୍ୟାଗ ଓ ଦେଶପ୍ରେମ ଆଦିବାସୀଙ୍କ ପ୍ରାଣରେ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବାର ସାମର୍ଥ୍ୟ ଆଣିଦେଇଥିଲା ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା କହିଛନ୍ତି। ଆଜି ଜୟଦେବ ଭବନ ଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉଭୟ ମଂଚ ଓ ଭର୍ଚୁଆଲ ବ୍ୟବସ୍ଥାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକ ଶ୍ରାଦ୍ଧଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସାରକା କହିଲେ ଯେ ଗାନ୍ଧୀଜୀଙ୍କର ଅହିଂସାକୁ ପରମ ଅସ୍ତ୍ର ଭାବେ ଗ୍ରହଣ କରି ଲକ୍ଷ୍ମଣ ନାଏକ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଉଦ୍ରେକ କରିବା ସହ ସେମାନଙ୍କୁ ସେମାନଙ୍କ ଅଧିକାର ସଂପର୍କରେ ସଚେତନ କରାଇ ପାରିଥିଲେ। ଶ୍ରାଦ୍ଧ ଉତ୍ସବରେ ସଭାପତିତ୍ୱ କରି ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ କହିଥିଲେ ଲକ୍ଷ୍ମଣ ନାଏକଙ୍କ ସତ୍ୟପ୍ରୀତି ଓ ସମ୍ବେଦନଶୀଳତା ତଥା ବ୍ରିଟିଶ ଶାସନର ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତୋଳନ କରିବାର ସାଫଲ୍ୟ କ୍ୱଚିତ ବ୍ୟକ୍ତିଙ୍କ ପାଖରେ ଦୃଷ୍ଟି ଗୋଚର ହୁଏ। ତାଙ୍କର ଅନନ୍ୟ ଦେଶପ୍ରେମ ଆଦିବାସୀଙ୍କ ମଧ୍ୟରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲା। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି ଶହୀଦ ଲକ୍ଷ୍ମଣ ନାଏକଙ୍କୁ କୋରାପୁଟ ଗାନ୍ଧୀ ବା ମାଲକାନଗିରି ଗାନ୍ଧୀ ଭାବେ ଚିତ୍ରିତ କରାଯାଉଥିବାବେଳେ ତାଙ୍କର ସ୍ୱଚ୍ଛ ଜୀବନକାଳ ମଧ୍ୟରେ ଦେଶାମତୃକା ପାଇଁ ଯାହା କରିଯାଇଛନ୍ତି ତାହା ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଶହୀଦ ଲକ୍ଷ୍ମଣ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ଶହୀଦ ଲକ୍ଷ୍ମଣ ନାଏକଙ୍କ ତ୍ୟାଗ, ଆଦର୍ଶ ଏବଂ ଦେଶପ୍ରୀତି ଚିରଦିନ ପାଇଁ ସମସ୍ତଙ୍କୁ ଅନୁପ୍ରାଣିତ କରିବ ବୋଲି ମନ୍ତବ୍ୟ ରଖିଥିଲେ। ଭର୍ଚୁଆଲ୍ ମାଧ୍ୟମରେ ସାଂସଦ ମୁନ୍ନା ଖାନ୍, ସାଂସଦ ସପ୍ତଗିରି ଉଲାକା, ବିଧାୟକ ପ୍ରୀତମ ପାଢ଼ୀ, ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶ୍ରାଦ୍ଧ ଦିବସରେ ସଂଯୁକ୍ତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ରଘୁନାଥ ଗମାଙ୍ଗ, ବିଧାୟକ ପ୍ରକାଶ ମାଝୀ ଏବଂ ମକରନ୍ଦ ମୁଦୁଲି ସଭାରେ ଉପସ୍ଥିତ ରହି ଶହୀଦ ଲକ୍ଷ୍ମଣ ନାଏକଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିବା ସହ ଭାରତ ସ୍ୱାଧୀନ କିପରି ହେବ ତାହା ହିଁ ତାଙ୍କର ସ୍ୱପ୍ନ ଏବଂ ସଂକଳ୍ପ ରହିଥିବା ବୋଲି କହିଥିଲେ।

ଆଜି ବିଜେପି ଯୁବମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୩୧।୩ (ନି.ପ୍ର): ରାଜ୍ୟର ସାଂପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଆଗାମୀ ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ଅବସରରେ ବିଜେପି ଯୁବମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ସ୍ଥିତ ଇଡିକଲ ଅଡିଟୋରିୟମରେ ଅନୁଷ୍ଠିତ ହେବ । ରାଜ୍ୟରେ ବେରୋଜଗାର, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ନହେବା, ଶିକ୍ଷିତ ଯୁବକଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ନମିଳିବା ଆଦି ପ୍ରସଙ୍ଗ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ । ଏହି କାର୍ଯ୍ୟକାରିଣୀ ବୈଠକରେ ଯୁବମୋର୍ଚ୍ଚାର ରାଜ୍ୟ ପଦାଧିକାରୀ, ରାଜ୍ୟ ସଂଯୋଜକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ଜିଲ୍ଲା ସଭାପତି ପ୍ରମୁଖ ଯୋଗଦେବେ । ଏନେଇ ଆଜି ରାଜ୍ୟ କାର୍ଯ୍ୟାଳୟରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା ।

୫୬ତମ ବାର୍ଷିକ ବିଶ୍ୱଶାନ୍ତି ନାମଯଜ୍ଞ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୩୧।୩ (ନି.ପ୍ର): କେନ୍ଦ୍ରାପଡା ପୋରାଂଚଳ ଗୋପଗ୍ରାମର ଇଷ୍ଟଗୋଷ୍ଠୀ ସମିତି ପକ୍ଷରୁ ଦୀର୍ଘ ୫୬ବର୍ଷ ହେଲା ଅନୁଷ୍ଠିତ ହୋଇ ଆସୁଥିବା ବାର୍ଷିକ ବିଶ୍ୱଶାନ୍ତି ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ରବିବାର ଶୁଭାଦିବସ କରାଯାଇଥିବା ବେଳେ ସୋମବାର ଅଷ୍ଟପ୍ରହର ନାମଯଜ୍ଞ ଓ ହରିହାଟର ଆୟୋଜିତ କରାଯାଇ ଥିଲା । ୫ଦଳ କୀର୍ତନ ମଣ୍ଡଳୀ ଦ୍ୱାରା ଅହରାତ୍ର ସଂକୀର୍ତନ ପରିବେଷଣ କରାଯାଇ ମଙ୍ଗଳବାର ନଗରେ ସଂକୀର୍ତନ ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଶ୍ରୀରାମ ମନ୍ଦିର ର ବରିଷ୍ଠ ମହନ୍ତ କୃଶବାବା ଓ ବାବାଜୀ ଗୁରୁକୃଷ୍ଣ ଦାସଙ୍କ ମାର୍ଗଦର୍ଶନରେ ପୂର୍ବତନ କାଉନସିଲର ପ୍ରକାଶ ଚନ୍ଦ୍ର ପରିଡା, ଦାମୋଦର ମହାନ୍ତି, ନିରଞ୍ଜନ ପରିଡା, ନିରାକାର ସ୍ୱାଇଁ, ସୁଧାଂଶୁ ଶେଖର ପଣ୍ଡା, ସଚିନନ୍ଦନ ମହାପାତ୍ର, ଅନ୍ନଦା ପ୍ରସାଦ ମହାନ୍ତି, ଗୋଲଖ ବିହାରୀ ମହାନ୍ତି, ବାବାଜୀ ଚରଣ ନାୟକ, ରାଜୀବ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଫୁଲବାଣୀରେ ମୋ ଖତ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ,୩୧।୩ (ନି.ପ୍ର): ସ୍ଥାନୀୟ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପ ପରିସର ମଧ୍ୟରେ ମୋ ଖତର ଲୋକାର୍ପଣ ମହୋତ୍ସବ ସହିତ ସଫେଇ କର୍ମଚାରୀଙ୍କ ସମ୍ମାନାର୍ଥେ ବଡ଼ାଖାନା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ, ମାନନୀୟ କନ୍ଧମାଳ ସାଂସଦ ଡଃ. ଅଚ୍ୟୁତାନନ୍ଦ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲ୍ଲାରେ ଭରି ରହିଥିବା ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିବା ସହିତ ଫୁଲବାଣୀ ସହରକୁ ସ୍ୱଚ୍ଛ ସୁନ୍ଦର ସହରରେ ପରିଣତ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଘରମାନଙ୍କରୁ ସଂଗୃହୀତ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରି ଏହାକୁ ଖତରେ ପରିଣତ କରିବା ରାଜ୍ୟର ବଡ଼ବଡ଼ ସହର ମାନଙ୍କରେ ସଠିକ ଭାବରେ କାର୍ଯ୍ୟକାରୀ ହୋଇପାରୁନଥିବା ବେଳେ, ଫୁଲବାଣୀ ସହରରେ ଏହାର ସଫଳତା ପାଇଁ ଜିଲ୍ଲା ପ୍ରଶାସନକୁ ଭୂୟସୀ ପ୍ରଶଂସା କରଥିଲେ।

ଶିଶୁ କବିତା ସଂକଳନ 'ହୋଲିରେ ହୋଲି' ଲୋକାର୍ପିତ

ଭଦ୍ରକ,୩୧।୩ (ନି.ପ୍ର): ସାରସ୍ୱତ ସାଧକ ଇଂ ଅଭୟ ସୂତାରଙ୍କ ଶିଶୁ କବିତା ସଂକଳନ 'ହୋଲିରେ ହୋଲି' ଭଦ୍ରକର ସାଳନ୍ଦୀ ନଗର ସ୍ଥିତ 'ଦିବ୍ୟଜ୍ୟୋତି ସାରସ୍ୱତ ମଣ୍ଡପ'ରେ ଲୋକାର୍ପିତ ହୋଇ ଯାଇଛି। ଦିବ୍ୟଜ୍ୟୋତି ସାରସ୍ୱତ ପରିଷଦ, ଭଦ୍ରକ ଆନୁକୂଲ୍ୟରେ ଆୟୋଜିତ ଏହି ଲୋକାର୍ପଣ ସମାରୋହକୁ ଭଦ୍ରକର ମାନ୍ୟବର ସାଂସଦ ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିବା ସହିତ 'ହୋଲିରେ ହୋଲି' ଏବଂ ରମାକାନ୍ତ ବେହେରାଙ୍କ ରଚିତ ପୁସ୍ତକ 'ସୁନା ଚଢ଼େଇ' ପୁସ୍ତକକୁ ଲୋକାର୍ପଣ କରିଥିଲେ। ଅଧ୍ୟାପକ ନୀହାର ରଂଜନ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟ ଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ପଣ୍ଡିତ ଦୈତ୍ୟାରୀ ମହାପାତ୍ର ବିଶିଷ୍ଟ ଅତିଥି, ସମାଜସେବୀ ମଳୟ କୁମାର ଜେନା, ଉତ୍କଳ ସାମ୍ବାଦିକ ସଂଘ, ଭଦ୍ରକ ଶାଖା ସଭାପତି ରବିନାରାୟଣ ଖିଲାର, ଅବନ୍ତିକା ଆବାସିକ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷା ଇଂ ସଂଗୀତା ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ କରୁଣାକର ବେହୁରିଆ ପୁସ୍ତକର ସମୀକ୍ଷା କରିଥିଲେ। ଇଂ ଅଭୟ ସୂତାର ଓ ଶିଶୁ ସାହିତ୍ୟିକ ରମାକାନ୍ତ ବେହେରା ଲେଖକୀୟ ଅଭିବ୍ୟକ୍ତି ରଖିଥିବା ବେଳେ ରୋଟାରିଆନ ଅତିସ୍ ବେହେରା ସ୍ୱାଗତ ଭାଷଣ, ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ଯୁବ ସମାଜସେବୀ ତଥା ଯୁବ ନେତୃତ୍ୱ ପ୍ରବୀର ଜେନା, ରୋଟାରିଆନ ଶିଶିର ମିଶ୍ର ଶିଶୁ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। କଣ୍ଠ ଗୌରବ ଦେବେନ୍ଦ୍ର ପ୍ରସାଦ ପଣ୍ଡା ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢୀ, କବୟିତ୍ରୀ ମନୋରମା ରାୟ, ନେତ୍ରୀ କଳ୍ପନା ଜେନା, ଅଧ୍ୟାପିକା ଚିନ୍ମୟୀ ବଳ, ଦୀପ୍ତିମୟୀ ସାହୁ, ଚୈତାଳୀ ଖିଲାର ପ୍ରମୁଖ ଉଦ୍‌ଘାଟନୀ ସଂଗୀତ ଗାନ କରିଥିଲେ। ଶିକ୍ଷୟିତ୍ରୀ ତୃପ୍ତି ଦାସ, ଅଳକା ପଣ୍ଡା ଓ ଆଦର୍ଶ ସୂତାର ଉତ୍ସବ ପରିଚାଳନା କରିଥିଲେ।

ଆସାମ ନିର୍ବାଚନ ପ୍ରଚାରରେ ବାଲେଶ୍ୱର ବିଜେପି ଯୁବମୋର୍ଚ୍ଚା ଉପସଭାପତି

ବାଲେଶ୍ୱର,୩୧।୩ (ନି.ପ୍ର): ପଶ୍ଚିମବଙ୍ଗ ଓ ଆସାମ ବିଧାନସଭା ନିର୍ବାଚନରେ ବିଜେପିକୁ କ୍ଷମତାସୀନ କରିବା ପାଇଁ କେନ୍ଦ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ ଦଳୀୟ କମକର୍ତ୍ତାମାନେ ପ୍ରାଣମୁର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ନିର୍ବାଚନ ପ୍ରଚାର ପାଇଁ ଆଖପାଖ ପଡ଼ୋଶୀ ରାଜ୍ୟର ବିଜେପି କର୍ମକର୍ତ୍ତା ଓ ଛାମୁଆ କର୍ମୀମାନେ ଏବେ ଦୁଇ ରାଜ୍ୟରେ ଡେରା ପକାଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେପି ରାଷ୍ଟ୍ରୀୟ ଉପ-ସଭାପତି ତଥା ଆସାମ ପ୍ରଭାରୀ ବୈଜୟନ୍ତ ପଣ୍ଡାଙ୍କ ନିର୍ଦ୍ଦେଶାନୁସାରେ ଓଡ଼ିଶାରୁ ବହୁ ଯୁବକର୍ମୀ ଦୁଇରାଜ୍ୟରେ ପ୍ରଚାର କାର୍ଯ୍ୟରେ ଯୋଗଦେଇଛନ୍ତି। ବାଲେଶ୍ୱରରୁ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତିଙ୍କ ସମେତ ବହୁ ସହଯୋଗୀ ଏହି ପ୍ରଚାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହାକୁ ନେଇ ବାଲେଶ୍ୱରରେ ଯୁବକର୍ମୀଙ୍କ ମଧ୍ୟରେ ଖୁସୀର ଲହରୀ ଖେଳିଯାଇଛି।

ଧାମନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ

ଧାମନଗର ,୩୧।୩ (ନି.ପ୍ର): ଧାମନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୧୦ମଶ୍ରେଣୀ ବିଦ୍ୟାର୍ଥୀ ମାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମା' ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଧାମନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର ଯୋଗଦେଇଥିବାବେଳେ ଧାମନଗର ପ୍ରେସ୍ କ୍ଲବର ସଭାପତି ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ମୁଖ୍ୟ ବକ୍ତାଭାବେ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ଶିଶୁମନ୍ଦିରର ପ୍ରତିଷ୍ଠାତା ଶରତଚନ୍ଦ୍ର ମହାନ୍ତି, କଳିଙ୍ଗ ଆବାସିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ରାଉତ, ଶିଶୁମନ୍ଦିରର ସଭାପତି ରାଜକିଶୋର ମହାପ

ତୃତୀୟ ବାର୍ଷିକୀ ମୁଣ୍ଡା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

ବାରିପଦା,୩୧/୦୩ (ନି.ପ୍ର): ଶାମାଖୁଂଟା ବ୍ଲକ ଅନ୍ତର୍ଗତ ବାଉଁଶବିଲା ହାଟପଡିଆରେ ସୁଗାଳ ସାଙ୍ଗମ ମୁଣ୍ଡା ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଅବସର ପ୍ରାପ୍ତ ଶାସନ ସଚିବ ଶିବପ୍ରସାଦ ସିଂ, ମୁଖ୍ୟ ଅତିଥି ଭାବରେ , ଶାମାଖୁଂଟା ବ୍ଲକ ଅଧ୍ୟକ୍ଷା ସୁନିତା ସିଂ ମୁଖ୍ୟ ବକ୍ତା ଭାବରେ ଓଡିଶା ମୁଣ୍ଡା ଛାତ୍ର ସଂଗଠନର ସଭାପତି ମଙ୍ଗଳ ସିଂ, ସମ୍ମାନୀତ ଅତିଥୀ ଭାବେ ବିଲକାନ ପ୍ରଭୁଦୟାଲ ନାଗ ଯୋଗ ଦେଇ ଥିଲେ । ଏହି ଅବସରରେ ସଡକ ସୁରକ୍ଷା ଓ କୋରନା ନିରାକରଣ ଉଦ୍ଦେଶ୍ୟରେ ସଚେତନତା ପାଇଁ ଗଣ ଦୌଡ ଅନୁଷ୍ଠିତ ହୋଇଥିଲା । ସେହିପରି ତିନିଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦଯାପନୀ ଦିବସରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥୀ ଭାବେ ଯୋଗ ଦେଇ ମୁଣ୍ଡାରୀ ବାନୀର ସ୍ରଷ୍ଟା ଅଲ୍‌ଗୁରୁ ପଣ୍ଡିତ ରୋହିଦାସ ସିଂ ନାଗଙ୍କ ପ୍ରତିମୁର୍ତୀ ଉନ୍ମୁଚୋନ କରିବା ସାଙ୍ଗକୁ ମୁଣ୍ଡାରୀ ସାଂସ୍କୃତିକ ମହୋତ୍ସବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିରମିତ୍ରପୁର ରାଉରକେଲାର ପୁର୍ବତନ ବିଧାୟକ ମୁଖ୍ୟ ବକ୍ତା , ଭାରତମୁଣ୍ଡା ସମାଜର ଓଡିଶା ରାଜ୍ୟ ସଭାପତି ରବିନ୍ଦ୍ରନାଥ ସିଂ, ମୁଣ୍ଡା ସମାଜର ନନ୍ଦଲାଲ ସିଂ, ଲମ୍ବୋଧର ସିଂ ପ୍ରମୁଖ ସମ୍ମାନୀତ ଅତିଥୀ ଭାବେ ଯୋଗଦେଇ ସୁଗାଳ ସାଙ୍ଗମର ମହୋତ୍ସବରେ ମୁଣ୍ଡା ସଂସ୍କୃତିର ଐକ୍ୟତା ବଜାୟ ରହିଛି ଏବଂ ଏହାର ଉତ୍ତରତର ଉନ୍ନତି ଉପରେ ଆଲୋକପାତ କରିଥିଲେ । ଅଲଗୁରୁ ରୋହିଦାସ ସିଂ ନାଗଙ୍କ ପ୍ରତିମୃତି ଉନ୍ମୋଚନ ପରେ ସେହି ଛକକୁ ରୋହିଦାସ ସିଂନାଗ ଛକ ବୋଲି ଘୋଷଣା କରାଗଲା । ସେପରି ଉଦଯାପନୀ ଉତ୍ସବର ୨ୟ ପର୍ଯ୍ୟାୟରେ ଭାରତ ମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ, ମୁଖ୍ୟ ଅତିଥୀ , ଝାରଖଣ୍ଡର ସମାଜସେବୀ ବୋଧ ମୁଣ୍ଡା ମୂଖ୍ୟ ବକ୍ତା , ସରପଂଚ ବୈଦନାଥ ସିଂ, ଆଡଭୋକେଟ୍ କାହ୍ନୁଚରଣ ସିଂ, ଲୋମ୍ବଦୋର ସିଂ ପ୍ରଭୃତି ସମ୍ମାନୀତ ଅତିଥୀ ଭାବେ ଯୋଗ ଦେଇ ଥିଲେ । ମୁଖ୍ୟ ଅତିଥୀ ତାଙ୍କ ବକ୍ତବ୍ୟରେ ମୁଣ୍ଡାରୀ ଭାଷା , ମୁଣ୍ଡାରୀ ବାନି ଲିପି ଓ ମୁଣ୍ଡା ସଂସ୍କୃତିର ସରକାରୀ ସ୍ୱିକୃତି ପାଇଁ ଦାବୀ କରିଥିଲେ । ମୁଣ୍ଡାରୀ ବାନି ଲିପିରେ ଚାଲୁଥିବା ସ୍କୁଲ ଗୁଡିକର ସୁପରିଚାଳନା ପାଇଁ ସମସ୍ତ ମୁଣ୍ଡା ଭାଇ ଭଉଣୀ ମାନଙ୍କ ସହଯୋଗ କାମନା କରିଥିଲେ । ମୁଣ୍ଡା ସାଂସ୍କୃତିକ କଳାକାର ମାନଙ୍କୁ ସରକାରୀ ସ୍ତରରେ ସ୍ୱିକୃତି ପାଇଁ ମଧ୍ୟ ଦାବୀ ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ସୁଗାଳ ସାଙ୍ଗମର ସଭାପତି ସୁନାରାମ ସିଂ, ଉପସଭାପତି କାଳିପ୍ରସାଦ ସିଂ, ସମ୍ପାଦକ ରାମେଶ୍ୱର ସିଂ, ସହ ସମ୍ପାଦକ ଲୋକନାଥ ସିଂ, କୋଷାଧ୍ୟକ୍ଷ ଦୁର୍ଗାଚରଣ ସିଂ, ସହକୋଷାଧ୍ୟକ୍ଷ ଘାସିରାମ ସିଂ, ରେକର୍ଡ କିପର ପ୍ରଧାନ ସିଂ, ଅରୁଣ କୁମାର ସିଂ, ଦିଗାମ୍ବର ସିଂ, ମୁଗୁନି ସିଂ, ସୁବନ ସିଂ, ସୁବାସିନି ସିଂ, ପ୍ରଭୃତି ସୁପରିଚାଳନା କରିଥିଲେ । ସାଂସ୍କୃତିକ ସଭାରେ ଉମେଶଚନ୍ଦ୍ର ସିଂ, ବିଶ୍ୱନାଥ ସିଂ ମଂଚପରିଚାଳନା କରିଥିଲେ ।

ପିଇବା ପାଣି ପାଇଁ ଡହଳବିକଳ : ପି.ଏଚ.ଡି. କାର୍ଯ୍ୟାଳୟ ଘେରାଉ କଲେ ଶତାଧିକ ଲୋକ

ନୀଳଗିରି,୩୧/୦୩ (ନି.ପ୍ର): ନୀଳଗିରି ରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ବାଉଥିବା ବେଳେ ନୀଳଗିରି ଏନ.ଏ.ସି. ଅଧିନରେ ୧୩ ଗୋଟି ୱାର୍ଡରେ ପାଣି ଟୋପାଏ ପାଇବା ପାଇଁ ସାଧରଣ ଜନତାଙ୍କୁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି । ପିଇବା ପାଣି ସମସ୍ୟାକୁ କେନ୍ଦ୍ର କରି ୧୧ନଂ. ୱାର୍ଡର ଶତାଧିକ ମହିଳାମାନେ ଆଜି ନୀଳଗିରି ପି.ଏଚ.ଡି. କାର୍ଯ୍ୟାଳୟକୁ ଘେରାଉ କରିଥିଲେ । ସୂଚନା ଥାଉକି ଉକ୍ତ ୱାର୍ଡର ନଟାପଡ଼ା, ଚତରସାହି ଗ୍ରାମରେ ପ୍ରାୟ ୧୦୦ ପରିବାର ର ୨୫୦ ରୁ ଉର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇଁ ବାର ଦ୍ୱାର ଶୁଣ୍ଡିପିଣ୍ଡା ହେଉଥିବା ବେଳେ ଦୁଷିତ ପାନୀୟ ଜଳ ପିଇବାକୁ ବାଧ୍ୟ ହେଉଛନ୍ତି । ଏହାକୁ ବିରୁଦ୍ଧ କରି ୧୧ନଂ. ୱାର୍ଡର ପୂର୍ବତନ କାଉନସିଲର ବିଦ୍ୟାଧର ଖଟୁଆ ଙ୍କ ନେତୃତ୍ୱରେ ପୂଜା ସିଂ, ଝରଣା ସିଂ, ଟୁନି ସିଂ, ମକିରି ସିଂ, ରାଜେନ୍ଦ୍ର ପାତ୍ର, ଶ୍ୟାମ ସିଂ, ମୁନା ସିଂ, ମଙ୍ଗଳ ସିଂ, ବିଶୁ ସିଂ , କୁଲ ହେମ୍ବ୍ରମ ସମେତ ବହୁ ଲୋକେ ଏହି ଘେରାଉ ରେ ସାମିଲ ଥିଲେ । ପରେ ପି.ଏଚ.ଡି. ବିଭାଗର କନିଷ୍ଠ ଯନ୍ତ୍ରୀ ରୂପେଶ କୁମାର ଦାସ ପହଞ୍ଚି ପ୍ରତ୍ୟେକ ଦିନ ସକାଳେ, ସନ୍ଧ୍ୟା ସମୟରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବା ସହିତ ସ୍ଥାୟୀ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଜିଲ୍ଲା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବାରିପଦା,୩୧/୦୩ (ନି.ପ୍ର): ନବ ନିର୍ବାଚିତ ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ମାନଙ୍କୁ ଜିଲ୍ଲା ମୋହରିର ସଂଘ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାର ଜଣା ଯାଇଛି। ଆୟୋଜନ ଏହି ସମ୍ବର୍ଦ୍ଧନା ସଭାରେ ମୋହରିର ସଂଘର ସଭାପତି ଶ୍ରୀ ଶରତ ଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ସର୍ବ ପ୍ରଥମେ ନବ ନିର୍ବାଚିତ ଓକିଲ ସଂଘର ସଭାପତି ପ୍ରବୀର କୁମାର ବସା, ଉପସଭାପତି- ସୁଜାତା ମିଶ୍ର, ସମ୍ପାଦକ ବସନ୍ତ କୁମାର ଭୋଲ, ସହ ସମ୍ପାଦକ- ସ୍ୱରୁପ କୁମାର ମିଶ୍ର ଓ କଷାଧକ୍ଷ- ଅରବିନ୍ଦ ସାହୁ ଏବଂ ଅନ୍ୟାନ୍ୟ କାର୍ଯ୍ୟକାରିଣୀ ସଦସ୍ୟ– ସ୍ୱପ୍ନା ମହାନ୍ତି, ଦୁଷମନ୍ତ ଦାଶ, ଅନିଲ କୁମାର ବେହେରା, ସତ୍ୟବାନ ପାଲ, ସୁଶାନ୍ତ ପଣ୍ଡା, ଦିଲ୍ଲିପ କୁମାର ପାତ୍ର, ଅଶୋକ କୁମାର ପଣ୍ଡା, କୈଳାସ ପ୍ରସାଦ ସାହୁ, ରାଜୀବ କୁମାର ମହାନ୍ତି, ସତ୍ୟନାରାୟଣ ମହାନ୍ତି , ଶାନ୍ତନୁ କୁମାର ପାଲ, ବଟକୃଷ୍ଣ ପାଢୀ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଥିଲା । ଏହି ସଭାରେ ମୋହରିର ସଂଘ ପକ୍ଷରୁ ପିତାମ୍ବର ମଲ୍ଲିକ, ଯତିନ ଚନ୍ଦ୍ର ଗିରି, ଶୈଳେନ୍ଦ୍ର କୁମାର ନାୟକ, ଶତ୍ରୁଘନ ପ୍ରଧାନ ପ୍ରମୁଖ ଶତାଧିକ ମୋହରୀର ଉପସ୍ଥିତ ଥିଲେ । ଶେଷରେ ମୋହରିର ସଂଘର ସମ୍ପାଦକ ସଂଗ୍ରାମ ଶତପଥ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ....

ନାରା ତ ଅନ୍ୟପଟେ ବିଜେପିର 'ଜୟ ଶ୍ରୀରାମ' ନାରାରେ କମ୍ପୁଛି ନନ୍ଦୀ ଗ୍ରାମ । ହେଲେ ମିନାକ୍ଷୀ ନିଯୁକ୍ତି ଓ ଶିକ୍ଷାୟନ ର କଥା ନେଇ ଲୋକଙ୍କ ପାଖରେ ପହଂଚୁଛନ୍ତି । ସେ ଲୋକଙ୍କୁ ରୋଜଗାର କଥା, ଶିକ୍ଷାର କଥା, ଶିକ୍ଷାୟନର କଥା ଓ ଶେଷରେ ମହିଳା ସୁରକ୍ଷାର କଥା କହୁଛନ୍ତି । କାହାକୁ କେତେ ଭୋଟ ମିଳିବ । ନନ୍ଦୀଗ୍ରାମରୁ କିଏ ନିର୍ବାଚିତ ହେବ ତାହା ମେ' ୨ ତାରିଖରେ ଜଣାପଡିବ । ହେଲେ ମିନାକ୍ଷୀଙ୍କ ଭାଷଣ ଓ ଲୋକଙ୍କ ରାଜ୍ୟର ବାସ୍ତବ ଚିତ୍ର ଦେଖାଇବାର ତରିକା ନନ୍ଦୀଗ୍ରାମବାସୀଙ୍କୁ ନିଶ୍ଚିନ୍ତ ଭାବେ ଆକୃଷ୍ଟ କରୁଛି । କହିରଖୁ କି ବାମଦଳ ଓ କଂଗ୍ରେସ ମଧ୍ୟରେ ପଶ୍ଚିମବଙ୍ଗ ନିର୍ବାଚନରେ ମେଣ୍ଟ ହୋଇଛି । ଏହି ମେଣ୍ଟରେ ଆହୁରି ସାମିଲ ହୋଇଛନ୍ତି ଫୁରଫୁରା ସରିଫ୍ ର ମୁସଲିମ୍ ନେତା ଆବାସ ସିଦ୍ଦିକ । କିଏ ଏହି ମିନାକ୍ଷୀ ? । ରାଜନୀତି ଶାସ୍ତ୍ରରେ ଏମ ଏ ଡିଗ୍ରୀ ହାସଲ କରିଥିବା ମିନାକ୍ଷୀ ୟୁନିଭରସିଟିରେ ପଢୁଥିବା ବେଳେ ସିପିଏମର ଛାତ୍ରଶାଖା ଏସଏଫଆଇ ସହିତ ଯୋଡି ହୋଇଥିଲେ । ଏଠାରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ମିନାକ୍ଷୀ ତାଙ୍କର ଆକର୍ଷଣୀୟ ଭାଷଣ ସାଂଗଠନିକ ଦକ୍ଷତା ଯୋଗୁଁ ଖୁବଶୀଘ୍ର ଏସଏଫଆଇର ରାଜ୍ୟ ସଭାପତି ପଦ ପାଇପାରିଥିଲେ । ରାଜ୍ୟରେ ବାମଦଳର ସମସ୍ତ ଆନ୍ଦୋଳନରେ ସାମିଲ ହୋଇ ଦଳର ବଡ ବଡ ନେତାଙ୍କର ଦୃଷ୍ଟି ଆକର୍ଶଣ କରିଥିଲେ । ମିନାକ୍ଷୀଙ୍କୁ ଙ୍କୁ ଟିକେଟ୍ ମିଳିବା ପରେ ସେ ଗଣମାଧ୍ୟମକୁ କହିଥିଲେ କି 'ମାନୁଛି ନନ୍ଦୀଗ୍ରାମ ଏବେ ହାଇ ପ୍ରୋଫାଇଲ ସିଟ୍ । ହେଲେ ଏହା ସତ ଯେ ଏଠାରୁ ଯେଉଁମାନେ ନିର୍ବାଚନ ଲଢୁଛନ୍ତି ସେମାନେ ୧୦ ବର୍ଷ ହେବ ଏହି ଅଞ୍ଚଳ ପାଇଁ କିଛି ବି କରିନାହାନ୍ତି । ମୁଁ ରାଜ୍ୟର ସମସ୍ତ ୨୯୪ ଆସନ ପାଇଁ ସନ୍ଦେସ ଦେବାକୁ ଚାହୁଁଛି କି ଯୁବକ ମାନଙ୍କୁ ରୋଜଗାରର ଆବଶ୍ୟକତା ଅଛି , ରାଜ୍ୟରେ ଶିକ୍ଷାୟନର ଆବଶ୍ୟକତା ରହିଛି । ଗରୀବ ମାନଙ୍କୁ ଗରୀବିରୁ ମୁକ୍ତି ଦେବାର ଆବଶ୍ୟକତା ରହିଛି। ଏହି ନିର୍ବାଚନ ଧାର୍ମିକ ଧ୍ରୁବିକରଣ ନୁହେଁ ମୁଦ୍ଦା ଆଧାରରେ ଲଢାଯିବାର ଆବଶ୍ୟକତା ରହିଛି'। ନନ୍ଦୀଗ୍ରାମ ବିଧାନସଭା କ୍ଷେତ୍ରରେ ରହିଛି ୧୭ ଟି ଗ୍ରାମପଞ୍ଚାୟତ । ଏହି ୧୭ ଗ୍ରାମପଞ୍ଚାୟତ ମଧ୍ୟରୁ ୧୦ ଟି ଗ୍ରାମପଞ୍ଚାୟତରେ ବାମଦଳର ସ୍ଥିତି କିଛି ଭଲ ନାହିଁ । କିନ୍ତୁ ୨୦୧୧ ପର୍ଯ୍ୟନ୍ତ ନନ୍ଦୀଗ୍ରାମ ପୁରା ଲାଲଗଡ ଭାବେ ପରିଚିତ ଥିଲା । ତେଣୁ ପୁରୁଣା କର୍ମୀ ମାନଙ୍କୁ ଏକଜୁଟ୍ କରଛନ୍ତି ମିନାକ୍ଷୀ । ଏହାସହ ଜଣେ ଯୁବଚେହେରା ଭାବେ କିଛି ଛାତ୍ର ଯୁବକ ମାନଙ୍କୁ ବି ନିଜ ସାଥିରେ ନେବାରେ ସଫଳ ହୋଇଛନ୍ତି ସେ । ହେଲେ ଏବେର ବ୍ୟୟବହୁଳ ନିର୍ବାଚନରେ ମିନୀକ୍ଷୀ ଭଳି ଜଣେ ମଧ୍ୟବିତ୍ତଶ୍ରେଣୀର ମହିଳା ଭୋଟର ମାନଙ୍କୁ କେତେ ଆକୃଷ୍ଟ କରିପାରିବ ତାହା ନିର୍ବାଚନ ଫଳା ଫଳ ପରେ ଜଣାପଡିବ ।

ଓଡ଼ିଶାବାସୀଙ୍କ ଟଙ୍କା ଖର୍ଚ୍ଚ ହେଉଛି.... ଏହି ବାବଦରେ କେନ୍ଦ୍ର ସରକାର ପ୍ରାୟ ୧୨ ହଜାର ୯୨୮ କୋଟି ଖର୍ଚ୍ଚ ହୋଇଥିଲାବେଳେ ରାଜ୍ୟର ପ୍ରାୟ ୮ ହଜାର ୫ ଶହ ୧୮ କୋଟି ଖର୍ଚ୍ଚ ହୋଇଛି । ବିଜେପି ସାଂସଦ ମାନେ ଏହି ଯୋଜନାକୁ ବନ୍ଦ କରିବାକୁ ଷଡଯନ୍ତ୍ର ଚଲାଇଛନ୍ତି । ପାଖାପାଖି ଏକ ବର୍ଷରୁ ଅଧିକ ସମୟ ହେବ ଏ ଯୋଜନାକୁ ବନ୍ଦ କରାଯାଇଛି । ଓଡିଶାର ୩୦ ହଜାର ଗାଁର ଲୋକେ ଏ ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି । କିନ୍ତୁ କେବଳ ୩ ଶହ ଗାଁର ଅନିୟମିତତା ଦର୍ଶାଇ ଓଡ଼ିଶାର ସାଢେ ଚାରିକୋଟି ଲୋକଙ୍କର ହକକୁ ବାଧା ଦେଇଛନ୍ତି ବିଜେପିର ସାଂସଦ ମାନେ । ପୂର୍ବରୁ ଗ୍ରାମୀଣ ଗୃହ ନିର୍ମାଣରେ କେନ୍ଦ୍ର ସରକାରଙ୍କର ଏବଂ ରାଜ୍ୟ ସରକାରଙ୍କ ସେୟାର ୯୦:୧୦ ଥିଲା । ଏବେ ତାହା ୬୦ : ୪୦ ହୋଇଛି । ଏହି ଯୋଜନାରେ ରାଜ୍ୟ ୫୦% ଅର୍ଥ ଖର୍ଚ୍ଚ କରୁଛି । ଓଡ଼ିଶାବାସୀଙ୍କର ଟଙ୍କା ଖର୍ଚ୍ଚ ହେଉଛି ତେବେ ବିଜୁ ପକ୍କାଘର ଲୋଗୋ ଲଗାଯିବାରେ ଅସୁବିଧା କେଉଁଠି ରହିଲା ବୋଲି ବିଜେଡି ପ୍ରଶ୍ନ କରିଛି । ରାଜ୍ୟ ସରକାର କେନ୍ଦ୍ରକୁ ଲିଖିତ ଆକାରରେ ଏ ବିଷୟରେ ଅବଗତ କରାଇଥିଲେ । ଦୁଃଖ ଏବଂ ପରିତାପର ବିଷୟ କେନ୍ଦ୍ର ସରକାର ଓଡିଶାବାସୀଙ୍କୁ ଧୋକା ଦେଇଛନ୍ତି । ଓଡିଶାବାସୀଙ୍କ ପଇସା ଖର୍ଚ୍ଚ ହେଉଛି ତେବେ ହିତାଧିକାରୀଙ୍କ ଗୃହରେ ବିଜୁ ପକ୍କାଘର ଲୋଗୋ ଲଗାଯିବାରେ ମନା କରାଯାଉଛି କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି ।

ଗାଧୋଇବାକୁ ଯାଇ ବୁଡିଗଲେ ୪ ଜଣ... ସୂଚନା ଅନୁସାରେ ହୋଲି ଅବସରରେ ଆଜି ଧୂମାତ ଶାସନରେ ହୋଲି ଖେଳ ଥିଲା। ରଂଗଖେଳ ଶେଷ ହେବା ପରେ ଠାକୁରଙ୍କୁ ଗାଁ ପୋଖରୀରେ ବିସର୍ଜନ କରାଯାଇଥିଲା। ଏହା ପରେ କିଛି ପିଲା ଗାଁ ନିକଟ ଦେଇ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏଥିରେ ରମେଶ ଦାସଙ୍କ ପୁଅ ସୌମ୍ୟରଂଜନ ଓ ବିଭୁତି ଭୂଷଣ ଦାସଙ୍କ ପୁଅ ସ୍ମୃତିରଂଜନଙ୍କ ସମେତ ଗାଁର ଅନ୍ୟ ୨ ସାଙ୍ଗ ଥିଲେ। ଚାରି ଜଣ ସାଙ୍ଗ ଗାଧୋଉଥିବା ବେଳେ ହଠାତ୍ ବୁଡ଼ି ଯାଇଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ୨ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଲୋକ ଦମକଳ ବାହିନୀଙ୍କୁ ସୂଚନା ଦେଇଥିଲେ। କେନ୍ଦ୍ରାପଡ଼ାରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚିଥିଲା। ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ଖୋଜା ଖୋଜି କରିବା ପରେ ଘଟଣାସ୍ଥଳରୁ ୧ କିଲୋମିଟର ଦୂରରେ ସୌମ୍ୟରଂଜନଙ୍କ ମୃତଦେହ ଉଦ୍ଧାର ହୋଇଥିଲା। କିନ୍ତୁ ସ୍ମୃତିରଂଜନ ନିଖୋଜ ଥିବା ଜଣାଯାଇଛି। ଦମକଳ ବାହିନୀର କର୍ମଚାରୀମାନେ ସ୍ମୃତିରଂଜନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ଏପ୍ରିଲ ୨୨ରୁ ଚାଲିବ ପୁରୀ-ଗୁଣୁପୁର.... ପୁରୀ-ଗୁଣୁପୁର-ପୁରୀ ସ୍ୱତନ୍ତ୍ର ଟ୍ରେନରେ ଛଅଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ସିଟିଙ୍ଗ କୋଚ୍ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ ଉପଲବ୍ଧ ଥିବାବେଳେ ଏହା ପୁରୀ ଓ ଗୁଣୁପୁର ମଧ୍ୟରେ ଉଭୟ ପାର୍ଶ୍ୱରୁ ସାକ୍ଷୀଗୋପାଳ, ବୀରପୁରୁଷୋତମପୁର, ଡେଲାଙ୍ଗ, କଣାସ ରୋଡ୍, ମୋଟରୀ, ଖୋର୍ଦ୍ଧା ରୋଡ୍, ତାପଙ୍ଗ, ନିରାକାରପୁର, ଭୂଷଣ୍ଡପୁର, କାଳୁପଡାଘାଟ, କୁହୁଡ଼ି, ଗଙ୍ଗାଧରପୁର, ବାଲୁଗାଁ,ଚିଲିକା, ଖଲିକୋଟ, ରମ୍ପା, ହୁମ୍ମା, ଗଞ୍ଜାମ, ଛତ୍ରପୁର, ଜଗନ୍ନାଥପୁର, ବ୍ରହ୍ମପୁର, ଗୋଳନ୍ଥରା, ସୁରଲା ରୋଡ୍, ଇଛାପୁରମ୍, ସୋମପେଟା, ମଣ୍ଡାସା ରୋଡ୍, ପଲାସା, ପୁଣ୍ଡି, ନୌପଡା, ଟୀକ୍ସାଲି, ପଥପାଟନମ, ପାରଳାଖେମୁଣ୍ଡି, କାଶୀନଗର ଓ ବଂଶଧରା ଷ୍ଟେସନ ମାନଙ୍କରେ ରହଣି କରିବ ।

ପାରାଦ୍ୱୀପ ବନ୍ଦର ଦ୍ୱାରା ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ

ପାରାଦୀପ,୩୧/୦୩ (ନି.ପ୍ର): ପାରାଦ୍ୱୀପ ବନ୍ଦର ପକ୍ଷରୁ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ସନ୍ତୁ ଅରକ୍ଷିତ ଦାସ ଫାଉଣ୍ଡେସନ୍ ଓ ଓଲାଶୁଣୀ ଗୁମ୍ଫା ବିକାଶ ଟ୍ରଷ୍ଟ ସହାୟତାରେ ଗତ ମାର୍ଚ୍ଚ ୨୮ ତାରିଖରେ ବାଲିପଡିଆ ଓ ଯାଜପୁରଠାରେ ଆୟୋଜିତ ହୋଇଯାଇଛି। ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାରେ ସହଜ ପ୍ରଦାନ କରିବା ଉଦେଦେଶ୍ୟରେ ଆୟୋଜିତ ଏହି ଶିବିରରେ ବନ୍ଦର ଡାକ୍ତର ବିଶେଷଜ୍ଞଙ୍କ ପରାମର୍ଶ, ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଏହି ଶିବିରକି ବନ୍ଦର ଉପାଧକ୍ଷ ଏ. କେ. ବୋଷ ଉଦଘାଟନ କରିଥିବା ବେଳେ ପାରାଦ୍ୱୀପ ଲେଡିଜ କ୍ଲବ୍ ସଭାନେତ୍ରୀ, ସନ୍ତୁ ଅରକ୍ଷିତ ଦାସ ଫାଉଣ୍ଡେସନ୍ ଓ ଓଲାଶୁଣୀ ଗୁମ୍ଫା ବିକାଶ ଟ୍ରଷ୍ଟ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ପାରାଦ୍ୱୀପ ବନ୍ଦର ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ଓ କର୍ମଚାରୀ ୧୦୦୦ରୁ ଉର୍ଦ୍ଧ ରୋଗୀଙ୍କୁ ଚିକିତ୍ସା, ଇସିଜି ଏବଂ ଦ୍ରୁତ ଗ୍ଲୁକୋଜ୍ ପରୀକ୍ଷା କରିଥିଲେ। ସୂଚନା ଥାଉକି ପାରାଦ୍ୱୀପ ବନ୍ଦର ସିଏସଆର କାର୍ଯ୍ୟକଳାପ ଅନ୍ତର୍ଗତ ବିଭିନ୍ନ ସାମାଜିକ ଉନ୍ନୟନମୂଳକ କାର୍ଯ୍ୟ କରିଥାଏ। ବିଶେଷ କରି କୋଭିଡ-୧୯ ମହାମାରୀ ସମୟରେ ସିମିତ ଚିକିତ୍ସା ସୁବିଧା ଥିବା ଗ୍ରାମର ଲୋକଙ୍କ ପାଇଁ ଏହି ମେଗା କ୍ୟାମ୍ପ ବହୁ ଉପଯୋଗୀ ହୋଇଥିବା ଚର୍ଚ୍ଚା ହେଉଥିବା ବେଳେ ଏଥି ପାଇଁ ବନ୍ଦର ପ୍ରଶାସନକୁ ବୁଦ୍ଧିଜିବୀମାନେ ସାଧୁବାଦ ଜଣାଇଛନ୍ତି।

ବଡ଼ାଖାନା ଯୋଜନା କାର୍ଯ୍ୟକାରିତାକୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ

ନୀଳଗିରି,୩୧/୦୩ (ନି.ପ୍ର): ନୀଳଗିରି ଏନ.ଏ.ସି. ପକ୍ଷରୁ ପୂର୍ବାହ୍ନ ୧୨ଘଟିକା ସମୟରେ କଲ୍ୟାଣ ମଣ୍ଡପ ଠାରେ ବଡ଼ାଖାନା ଯୋଜନା କାର୍ଯ୍ୟକାରିତାକୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ.ଏ.ସି.ର କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବଡ଼ାଖାନା ଯୋଜନାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସହରାଞ୍ଚଳରେ ସୁସ୍ଥ ଗୃହ, ସୁସ୍ଥ ପରିବେଶ ସମ୍ପର୍କରେ ବୁଝାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ରାଜନୈତିକ ବ୍ୟକ୍ତି, ବୁଦ୍ଧିଜୀବୀ , ବରିଷ୍ଠ ନାଗରିକ ବଡ଼ାଖାନା ଯୋଜନାର ଟିକସ ସାଧାରଣ ଜନତାଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ହେଉଥିବାରୁ କୌଣସି ଲୋକେ ଟିକସ ଦେବେ ନାହିଁ ବୋଲି ରୋକଠୋକ ମନା କରିଥିଲେ । ପରେ ସଫ

ବାଲେଶ୍ୱର, ଗୁରୁବାର, ୦୧ ଏପ୍ରିଲ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ବାଲେଶ୍ୱରରେ ଓଡ଼ିଶୀ ସଙ୍ଗୀତ ଉତ୍ସବ-କର୍ମଶାଳା

ବାଲେଶ୍ୱର,୩୧/୦୩ (ନି.ପ୍ର): ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଗୁରୁ କେଳୁ ଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ମିଳିତ ସହଯୋଗରେ ଓଡିଶୀ ସଙ୍ଗୀତ ଉତ୍ସବ ଓ କର୍ମଶାଳା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଡିଶୀ ରିସର୍ଚ୍ଚ ସେଂଟରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡକ୍ଟର ସଙ୍ଗୀତା ଗୋସାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଦୈନିକ ଓଡିଆ ସମ୍ବାଦପତ୍ର ପ୍ରମେୟର ଉତର ଓଡିଶା ସଂସ୍କରଣ ମୁଖ୍ୟ ସତ୍ୟଶିବ ଦାସ ଓ କବି ପ୍ରଶାନ୍ତ ଦାସ ବରେଣ୍ୟ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିବା ସହିତ ଓଡିଶୀ ସଙ୍ଗୀତ ବିନା ନୃତ୍ୟ ଅସମ୍ଭବ ବୋଲି ମତପ୍ରକାଶ କରିଥିଲେ । ଏଥିରେ ଓଡିଶୀ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ସୀତାର ବାଦକ ସ୍ୱପ୍ନେଶ୍ୱର ଚକ୍ରବର୍ତୀ, ଗୁରୁ ଦିବାକର ପରିଡା, ଗୁରୁ ପ୍ରଦୀପ ଦାସ, ଗୁରୁ ସତ୍ୟରଞ୍ଜନ ମହାନ୍ତି, ପୁରୀର ଗାୟକ ଗୁରୁ କାର୍ତିକ ସାହୁ, ଭୁବନେଶ୍ୱରର ବଂଶୀ ବାଦକ ଶ୍ରୀନିବାସ ଶତପଥୀ, ଗୁରୁ ଭୂବନ ମୋହନ ପ୍ରଧାନ, ରମେଶ ଚନ୍ଦ୍ର ଦାସ ପ୍ରମୁଖ ସଙ୍ଗୀତ ଗାନରେ ଅଂଶଗ୍ରହଣ କରିଥିଲେ । ଏହା ସହିତ କାର୍ଯ୍ୟକ୍ରମରେ ଓଡିଶୀ, ଚମ୍ପୁ, ଛାନ୍ଦ ପ୍ରଭୃତି ସଙ୍ଗୀତ ପରିବେଷଣ କରାଯାଇଥିଲା । ପରେ କବି ପ୍ରଶାନ୍ତ ଦାସଙ୍କ ସ୍ୱରଚିତ କବିତା ଗାନ କରାଯାଇଥିଲା । ପ୍ରାଚୀନ ଓଡିଶୀ ସଙ୍ଗୀତର ଅଧିକ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଗୁରୁ କେଳୁ ଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଏହିଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା କର୍ମକର୍ତାମାନେ ସୂଚନା ଦେଇଥିଲେ । ଓଡିଶାର ବିଭିନ୍ନ ଜିଲ୍ଲାର କଳାକାରମାନେ ଏହି କର୍ମଶାଳାରେ ଯୋଗଦେଇଥଲେ ।

ଜଙ୍ଗଲରେ ନିଆଁ ଲିଭାଉଥିବା ବେଳେ ଜଳିଗଲେ ୱାଚର

ଗୁରୁତର ଅବସ୍ଥାରେ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି

ବାରିପଦା/ ରାଇରଙ୍ଗପୁର,୩୧/୦୩ (ନି.ପ୍ର): ସାରା ଓଡିଶାରେ ଜଂଗଲ ନିଆଁ ଚଳିତ ବର୍ଷ ବନ ବିବାଗ ସହ ସରକାରଙ୍କୁ ଅକଳରେ ପକାଇବା ସହିତ ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନୀ ବ୍ୟାପକ ରୂପଧାରଣ କରିଥିଲା । ତେବେ ମଝିରେ ଦୁଇଦିନ ଲଗାତର ଶିମିଳିପାଳରେ ବର୍ଷା ହେବା ପରେ ନିଆଁ ଆୟତ୍ତକୁ ଆସିଥିବା ବନ ବିଭାଗ ଜଙ୍ଗଲ ଅଗ୍ନୀକୁ ନେଇ ସତର୍କ ମଧ୍ୟ ରହିଛି । ବର୍ତ୍ତମାନ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ ନୂଆ ନୂଆ ସ୍ଥାନରେ ନିଆଁ ଲାଗୁଥିବାର ଦେଖାଯାଉଛି । ତେବେ ନିଆଁ ଲିଭାଇବା ବେଳେ ଅଘଟଣ ଘଟି ବନ କର୍ମଚାରୀ ସ୍ୱେଚ୍ଛାସେବୀ ମୃତ୍ୟ ବରଣ କରିବା ସହିତ ବିଭିନ୍ନ ସମୟରେ ନିଆଁ ଲିଭାଉଥିବା ବେଳେ ବନକର୍ମଚାରୀ ନିଆଁରେ ପୋଡି ହେଉଥିବାର ଖବର ମଧ୍ୟ ଦେଖିବାକୁ ମିଳୁଛି । ତେବେ ଏଭଳି ଏକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବନଖଣ୍ଡ ବାଦାମପାହାଡ଼ ରେଞ୍ଜ ଉକାମପାହାଡ଼ ଜଙ୍ଗଲରେ । ଜଙ୍ଗଲର ୩ଟି ସ୍ଥାନରେ ନିଆଁ ଲାଗିବା ଖବର ପାଇ ଟିଆକାଠି ଡୁଙ୍ଗୁରୀ ସାହି ବନ ସୁରକ୍ଷା ସମିତି ନିଆଁ ଲିଭାଇବା ପାଇଁ ଯାଇଥିଲା । ନିଆଁ ଲିଭାଉଥିବା ବେଳେ ହଠାତ ସାମନା ପଟୁ ଜୋର ପବନ ହେବା ଫଳରେ ଜଣଙ୍କର ଦେହରେ ଆକସ୍ମିକ ଭାବରେ ନିଆଁ ଲାଗି ଯାଇଥିଲା । ସହଯୋଗୀ ମାନେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ଗୁରୁତର ଯୁବକ ଜଣକ ବନ ବିଭାଗର ଟିଆକାଠି ବନ ସୁରକ୍ଷା ସମିତିର ୱାଚର ଭାବେ କାର୍ଯ୍ୟରତ ଥିବାର ଜଣାପଡିଛି । ଯୁବକ ଜଣକ ହେଲେ ବିଶୋଇ ବ୍ଲକ ଟିଆକାଠି ଗାଁର ଗୋବିନ୍ଦ ଟୁଡୁ । ବନ ସୁରକ୍ଷା ସମିତିର ସହାୟତାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଥିବା ବେଳେ ତାଙ୍କର ଦୁଇଗୋଡ ଜଂଘ ପର୍ଯ୍ୟନ୍ତ ନିଆଁରେ ପୋଡିଯାଇଥିବାର ଜଣାଯାଇଛି । ତେବେ ବନ ବିଭାଗ ପକ୍ଷରୁ ଜଙ୍ଗଲରେ ନିଆଁ ଲିଭାଉଥିବା କର୍ମଚାରୀ ମାନଙ୍କୁ ଅଗ୍ନୀ ନିରାପତ୍ତା କିଟ ସଠିକ ଭାବରେ ଯୋଗାଇ ଦିଆଯାଉ ନଥିବା ବେଳେ, ତଳତଳିଆ କର୍ମଚାରୀ ମାନେ ନିଜ ଜୀବନକୁ ବିପର୍ଣ୍ଣ କରି ନିଆଁ ଲିଭାଇବା କାର୍ଯ୍ୟ ସମ୍ପାଦନ କରୁଥିବାର ଜଣାଯାଇଛି । ବନ ବିବାଗର ଏଭଳି ଦାୟୀତ୍ୱ ହୀନତା କାର୍ଯ୍ୟକୁ ବୁଦ୍ଧିଜିବୀ ମହଲରେ ନିନ୍ଦା କରାଯିବା ସହିତ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିବା ବନ କର୍ମଚାରୀ ମାନଙ୍କୁ ଅଗ୍ନୀ ନିରାପତ୍ତା କିଟ ପ୍ରଦାନ କରାଯିବାକୁ ଦାବୀ ହେଉଛି ।

ଡ. ନାରାୟଣ ସାହୁଙ୍କ ନାଟ୍ୟ ପୁସ୍ତକ 'ଛାତ' ଉନ୍ମୋଚିତ

ଭୁବନେଶ୍ୱର,୩୧/୦୩ (ନି.ପ୍ର): 'ପାରସ୍ପରିକ ସଂପର୍କର ଆତ୍ମୀୟତା ଓ ବିଶ୍ୱାସ ଉପରେ ଗଢ଼ିଉଠେ ମାନବସମାଜ, ମାତ୍ର ବେଳେବେଳେ ଯୌବନର ଔଦ୍ଧତ୍ୟ, ସ୍ୱାର୍ଥ ଓ ଅହଂକାର ଏହି ସଂପର୍କର ସେତୁକୁ ଛାରଖାର କରିଦେଇଥାଏ' ବୋଲି ଜ୍ଞାନଯୁଗ ଭବନଠାରେ ନାଟ୍ୟକାର ତଥା ସାହିତ୍ୟିକ ଡ. ନାରାୟଣ ସାହୁଙ୍କ ନାଟ୍ୟ ପୁସ୍ତକ 'ଛାତ'ର ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶିଷ୍ଟ କବି ଡ. ଫନି ମହାନ୍ତି କରୋନା କାଳରେ ସାଂପ୍ରତିକ ସମାଜର ସ୍ଥିତିକୁ ନେଇ ଲେଖକଟିଏ କିପରି ଯତ୍ନବାନ ହୋଇପାରେ ତାହା ଉପରେ ମନ୍ତବ୍ୟ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶିଷ୍ଟ ଆଧ୍ୟାତ୍ମବାଦୀ ସାହିତ୍ୟିକ ଓ ଜ୍ୟୋତିର୍ବିଦ ଡ. ପ୍ରଦୀପ କୁମାର ଚୌଧୁରୀ ବସ୍ତୁବାଦୀ ସଭ୍ୟତା ପ୍ରତି ମଣିଷର ଆକର୍ଷଣ ଓ ତଜ୍ଜନିତ ସୃଷ୍ଟ ପରିସ୍ଥିତି ଉପରେ କଟାକ୍ଷପାତ କରି 'ଛାତ'କୁ ଆଲୋଚନା କରିଥିଲେ । ବିଶିଷ୍ଟ ସମାଜସେବୀ ତଥା ଉଦ୍ୟୋଗପତି ଶ୍ରୀ ସଂଗ୍ରାମ ମହାପାତ୍ର, କରୋନା କିପରି ମଣିଷର ଧୈର୍ଯ୍ୟ ପରୀକ୍ଷା କରିପାରେ ଓ ସ୍ନେହସଂପର୍କ କିପରି କ୍ଷଣକରେ ବୁଦ୍‌ବୁଦ୍ ପରି ମିଳାଇଯାଏ, ତାହା ଉଲ୍ଲେଖ କରିଥିଲେ । ଆରମ୍ଭରୁ ନାଟ୍ୟକାର ନାରାୟଣ ସାହୁ ନିଜର ଗଭୀର ଅନୁଭୂତିରୁ ଏ ନାଟକର କାହାଣୀର ଚିତ୍ରକଳ୍ପ ସଂଗ୍ରହ କରିବା ସହିତ ସାଂପ୍ରତିକ ସମାଜରେ ନିଦାରୁଣ ବାସ୍ତବଚିତ୍ରକୁ ନାଟକ ମଧ୍ୟରେ ସ୍ଥାନିତ କରିଥିବାର ପ୍ରକାଶ କରିଥିଲେ । ଜ୍ଞାନଯୁଗ ପ୍ରକାଶନ ସଂସ୍ଥାର ପ୍ରକାଶନ ଉପଦେଷ୍ଟା ଶ୍ରୀ ବିନୋଦ ବିହାରୀ ବିଶୋଇ ନାଟକର ଯୁପୋଗଯୋଗିତା ଉପରେ ଆଲୋକପାତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ଅସିମ୍ ରଂଜନ ପାଢ଼ୀ 'ଛାତ'ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଗୋଦାବରୀଶ ସାହିତ୍ୟ ସଂସଦର ସଂପାଦକ ତଥା ସାହିତ୍ୟିକ ଶ୍ରୀ ରାମଚନ୍ଦ୍ର ମେକାପ ଯୋଗଦେଇ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ପରିଶେଷରେ ପ୍ରକାଶନ ସଂସ୍ଥାର ଲୋକ ସଂପର୍କ ଅଧିକାରୀ ଶ୍ରୀ ଦେବରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

କବି ଅଭୟ ଦାସ ଓ କଥାକାର ପ୍ରଦୀପ ଚଟାର୍ଜୀ ସମ୍ବର୍ଦ୍ଧିତ

ବାଲେଶ୍ୱର,୩୧/୦୩ (ନି.ପ୍ର): ଆଜି ଆନନ୍ଦପୁର ସାହିତ୍ୟ ସାଂସଦ ର ୧୭ତମ ବାର୍ଷିକ ରାଜ୍ୟ ସାରସ୍ୱତ ସମାରୋହ ଅନୁଷ୍ଠାନ ର ସଭାପତି ପ୍ରଫେସର ଗଦାଧର ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କବି ରକ୍ଷକ ନାୟକ, ମୁଖ୍ୟ ବକ୍ତା ଡ଼ ସୁଧା ଦାସ, ସମ୍ମାନିତ ଅତିଥି କବି ତଥା ସାମ୍ବାଦିକ ନିରଞ୍ଜନ ନାୟକ, ସମ୍ପାଦକ ଡ଼ ଶମ୍ଭୁ ନାଥ ରାଉତ ଅଂଶ ଗ୍ରହଣ କରିଥିଲେ । ଏଇ ସାହିତ୍ୟ ଆସର ରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ ସାହିତ୍ୟିକ ଯୋଗ ଦାନ କରିଥିଲେ । ସାହିତ୍ୟ ତଥା ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଶିଷ୍ଟ ସାରସ୍ୱତ ସାଧକ ମାନଙ୍କୁ ସମର୍ଦ୍ଧିତ କରାଯାଇଥିଲା ବେକେ ବାଲେଶ୍ୱରର ରୁ ବରିଷ୍ଠ କବି ତଥା ସ୍ତମ୍ଭକାର ଅଭୟ ଦାସ ଓ କଥାକାର ପ୍ରଦୀପ ଚାଟାର୍ଜୀ ଙ୍କୁ ଆନନ୍ଦ ପୁର ସାହିତ୍ୟ ସମ୍ମାନ ରେ ସମର୍ଦ୍ଧିତ କରାଯାଇଛି ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୩ ଗିରଫ, ୧୦୫୬ ବାହନ ଜବତ

ଭୁବନେଶ୍ୱର,୩୧/୦୩ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୦୫୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୮,୧୮,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

କବି କାଳୀପଦ ପଣ୍ଡା ପାଇଲେ ଶ୍ରେଷ୍ଠ ପ୍ରକାଶକ ସମ୍ମାନ

ବାଲେଶ୍ୱର,୩୧/୦୩ (ନି.ପ୍ର): ବାଲେଶ୍ୱର ରାଜ୍ୟର ଅନ୍ୟତମ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ମନସ୍ୱିନୀ' କଟକ ପକ୍ଷରୁ ଅନୁଷ୍ଠାନର ୪୪ତମ ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ କଟକର ସହିଦଭବନରେ କବି କାଳୀପଦ ପଣ୍ଡାଙ୍କୁ ୨୦୨୧ମସିହା ପାଇଁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ପ୍ରକାଶକ ସମ୍ମାନ ପ୍ରଦାନ କରାଯାଇଛି । ବିଶିଷ୍ଟ କବି ତଥା ପ୍ରାକ୍ତନ ସାଂସଦ ଡ.ପ୍ରସନ୍ନ କୁମାର ପାଟଶାଣୀଙ୍କ ହସ୍ତରୁ କବି ଶ୍ରୀ ପଣ୍ଡା ଏହି ମର୍ଯ୍ୟାଦାଜନକ ସମ୍ମାନ ଗ୍ରହଣ କରିଥିଲେ । ତାଙ୍କ ପ୍ରତିଷ୍ଠିତ 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଏହି ସମ୍ମାନ ଗ୍ରହଣ କରିବା ବାଲେଶ୍ୱର ପାଇଁ ଗୌରବର ବିଷୟ । ଉକ୍ତ ସମ୍ମାନ ପ୍ରଦାନ ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଭାପତି ବିଶିଷ୍ଟ କବି ଡ.ହୁସେନ୍ ରବିଗାନ୍ଧୀ, ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ତଥା ବିଶିଷ୍ଟ ସାହିତ୍ୟିକ ଶରତ ଚନ୍ଦ୍ର ମିଶ୍ର, ନୀଳଗିରିର ରାଜା ଜୟନ୍ତ ମର୍ଦ୍ଦରାଜ, ଆର୍ଯ୍ୟକବି ଡ.ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାର ସୀମାନ୍ତ ବାଲେଶ୍ୱର ଠାରେ ରହି କବି ଶ୍ରୀ ପଣ୍ଡା ୨୦୦୬ମସିହାରୁ ଆରମ୍ଭ କରିଥିବା ତାଙ୍କର 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଜରିଆରେ ସମଗ୍ର ରାଜ୍ୟର ଉଭୟ ପ୍ରବୀଣ ଓ ନବୀନ ଲେଖକଙ୍କର ବିବିଧ ପୁସ୍ତକକୁ ପ୍ରକାଶ-କରି ଏବେ ୭୦୦ରୁ ଊର୍ଦ୍ଧ୍ୱ ପୁସ୍ତକର ପ୍ରକାଶକ ଭାବେ ପ୍ରଶଂସିତ ହୋଇଛନ୍ତି । ଏଥିପୂର୍ବରୁ ଶ୍ରୀ ପଣ୍ଡାଙ୍କୁ ୨୦୧୧ମସିହାରେ ଓଡ଼ିଶାର-ସର୍ବପ୍ରଥମ ପ୍ରଥମ 'ଭୁବନେଶ୍ୱର ପୁସ୍ତକମେଳା'ର ମର୍ଯ୍ୟାଦାଜନକ ଶ୍ରେଷ୍ଠ ପ୍ରକାଶକ ପୁରସ୍କାର ସୁପ୍ରିମ୍‌କୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଜଷ୍ଟିସ୍ ଗୋପାଳବଲ୍ଲଭ ପଟ୍ଟନାୟକଙ୍କ କରକମଳରୁ ପ୍ରାପ୍ତ ହୋଇଥିଲା ।

ବିଦ୍ୟୁତ ଶୁଳ୍କ ବୃଦ୍ଧିକୁ ବିରୋଧ : ନେସ୍କୋ ଅଫିସ ଘେରାଓ ୮ରେ

ବାଲେଶ୍ୱର,୩୧/୦୩ (ନି.ପ୍ର): ରାଜ୍ୟ ସରକାରଙ୍କ ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବିରେ ନେସ୍କୋ ବିଦ୍ୟୁତ ଉପଭୋକ୍ତା ମଞ୍ଚ ଆସନ୍ତା ୮ ତାରିଖ ଗୁରୁବାର ଦିନ ସକାଳ ୯ଟାରୁ ରେମୁଣା ଗୋଲେଇସ୍ଥିତ ନେସ୍କୋ ମୁଖ୍ୟଦପ୍ତର ଘେରାଉପାଇଁ ନିଷ୍ପତ୍ତି ନେଇଛି । ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । କରୋନା ମହାମାରୀ ଯୋଗୁଁ ଜନସାଧାରଣ ନିଜର ରୋଜଗାର ହରାଇଥିବା ବେଳେ ଗତ ଛଅମାସ ପୂର୍ବରୁ ୨୦ ପଇସା ଓ ଏପ୍ରିଲ୍ ୪ ତାରିଖରୁ ପୁନଶ୍ଚ ୟୁନିଟ୍ ପ୍ରତି ୩୦ ପଇସା ବୃଦ୍ଧି ସମସ୍ତ ବର୍ଗର ବିଦ୍ୟୁତ ଗ୍ରାହକମାନଙ୍କ ଉପରେ ରାଜ୍ୟ ସରକାରଙ୍କ ଜିଜିଆ କର ବୋଲି ଉପଭୋକ୍ତା ମଞ୍ଚ ପକ୍ଷରୁ ଆରୋପ ହୋଇଛି । ବଡ଼ବଡ଼ କଳକାରଖାନା ଓ ବ୍ୟବସାୟୀମାନଙ୍କ ଉପରେ ହଜାର ହଜାର କୋଟି ଟଙ୍କା ବିଦ୍ୟୁତ ଟିକସକୁ ସରକାର ଆଦାୟ କରିନପାରି ନିୟମିତ ବିଦ୍ୟୁତ ଟିକସ ଦେଉଥିବା ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ବର୍ଗଙ୍କ ଉପରେ ଅଧିକ ଟିକସ ଲଗାଇ କ୍ଷତି ଭରଣା ପାଇଁ ଚେଷ୍ଟା କରୁଛନ୍ତି । ଏହାଫଳରେ ବିଦ୍ୟୁତ ଉପଭୋକ୍ତାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଅନ୍ୟପକ୍ଷରେ ଘରୋଇ କମ୍ପାନିମାନେ ନିମ୍ନମାନର ବିଦ୍ୟୁତ୍ ଉପରକରଣ ଓ ଅସ୍ଥାୟୀ ଠିକା କର୍ମଚାରୀଙ୍କ ଦ୍ୱାରା ବିଦ୍ୟୁତ ସେବା ଯୋଗାଉଛନ୍ତି । ତେଣୁ ଉତ୍ତମ ମାନର ଓ ନିୟମିତ ବିଦ୍ୟୁତ ସେବା ପାଇବାରେ ଏବଂ ଘୋଷିତ ଓ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଗ୍ରାହକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର କରିବାକୁ ବୈଠକରେ ଦାବି କରାଯାଇଛି । ବିଦ୍ୟୁତ ବିତରଣ ଦାୟିତ୍ୱ ନେଉଥିବା ଟାଟା କଂପାନୀକୁ ଅଧିକ ଲାଭ ଦେବାକୁ ସରକାର ଏହି ଜନବିରୋଧି ବିଦ୍ୟୁତ ଶୁଳ୍କ ବୃଦ୍ଧି କରିଛନ୍ତି ବୋଲି ମଞ୍ଚ ବୈଠକରେ ଉପସ୍ଥିତ ସଦସ୍ୟମାନେ ଅଭିଯୋଗ କରିଛନ୍ତି । ଏନେଇ ଆସନ୍ତା ୮ ତାରିଖ ଦିନ ନେସ୍କୋ ମୁଖ୍ୟ ଦପ୍ତରକୁ ଘେରାଉ କରାଯିବ ବୋଲି ମଞ୍ଚ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସମସ୍ତ ବର୍ଗର ବିଦ୍ୟୁତ ଗ୍ରାହକମାନେ ଏଥିରେ ଯୋଗଦେଇ ଆନ୍ଦୋଳନକୁ ସଫଳ କରିବାକୁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି । ସଂଜୀବ ଗିରି, ଶିଶିର ହୁଇ, ଗୌରାଙ୍ଗ ପାଣିଗ୍ରାହୀ, ନିକୁଞ୍ଜ ବସନ୍ତରାୟ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ବିଭିନ୍ନ ରାଜନୈତିକ ଦଳ ଓ ଗଣ ସଂଗଠନର କର୍ମକର୍ତ୍ତାମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

ପାରାଦ୍ୱୀପରେ ପଣ୍ୟବାହୀ ଜାହାଜରେ ୧୪ କରୋନା ପଜେଟିଭ୍

ପାରାଦୀପ,୩୧/୦୩ (ନି.ପ୍ର): ବନ୍ଦରକୁ ପଣ୍ୟ ବୋଝେଇ କରିବାକୁ ଆସିଥିବା ଏକ ଜାହଜରୁ ୧୪ ଜଣ କର୍ମଚାରୀ କରୋନା ପଜେଟିଭ ବାହାରିଥିବା ଜଣାପଡିଛି । ସୂଚନା ଅନୁଯାୟୀ, ତାମିଲନାଡୁ ବିଦ୍ୟୁତ ବୋର୍ଡ ପାଇଁ ଫର୍ମାଲ କୋଇଲା ଲୋଡ କରିବା ପାଇଁ ମାର୍ଚ୍ଚ ୨୧, ୨୦୨୧ ଏକ ମାଲବାହୀ ଜାହଜ ଏମ୍‌ଭି ଏପିଜେ କାଇସ୍ ଟୁଟିକୋରିନ୍ ବନ୍ଦରରୁ ପାରାଦ୍ୱୀପ ବନ୍ଦରକୁ ଆସିଥିଲା । ବନ୍ଦର ପ୍ରଶାସନର କୋଭିଡ ଗାଇଡ୍‌ଲାଇନ ଅନୁଯାୟୀ ଆଙ୍କରେଜରେ ଥିଲାବେଳେ ଜାହଜ କତୃପକ୍ଷ ବନ୍ଦର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜାହଜରେ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ରିପୋଟ ଦେବେ । ଏହି ଆଧାରରେ ଜାହଜର ଏଜେଂଟ ଜେଏମ୍‌ବକ୍ସି ଆଣ୍ଡ କୋ ବନ୍ଦର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜାହଜରେ କିଛି କର୍ମଚାରୀ ଉଚ୍ ଜ୍ୱର ଏବଂ ଥଣ୍ଡା ବାବଦରେ ଅବଗତ କରାଇଥିଲେ । ବନ୍ଦର ଆଙ୍କରେଜରେ ଏକ ଡାକ୍ତରୀ ଦଳ ଜାହଜକୁ ଯାଇ ସମସ୍ତ ୨୮ ଜଣ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ କୋଭିଡ-୧୯ ପଜିଟିଭ ଭାବେ ଚିହ୍ନଟ କରାଯାଇ ଭୁବନେଶ୍ୱରକୁ ଚିକିତ୍ସା ନିମନ୍ତେ ପଠାଇଥିଲେ । ଅନ୍ୟମାନଙ୍କୁ ୧୪ ଦିନ କ୍ୱାରେନଟାଇନ୍ ରେ ରଖାଯାଇଥିବା ବେଳେ ଜାହଜକୁ ୨ଥର ସାନିଟାଇଜ୍ କରାଯାଇଥିବା ବନ୍ଦର ସ୍ୱାସ୍ଥ୍ୟ ଅଧିକାରୀ (ପିଏଚ୍ ଓ) ଡା. ରାଜେନ୍ଦ୍ର ପାଣିଗ୍ରାହୀଙ୍କ ଠାରୁ ପ୍ରକାଶ ।

କାଳିଆ ଯୋଜନାରେ ୬୬୯୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୩୧/୦୩(ନି.ପ୍ର): ୨୦୧୮-୧୯ ଓ ୨୦୧୯-୨୦ ବର୍ଷରେ କାଳିଆ ଯୋଜନାରେ ୫୧.୦୫ ଲକ୍ଷ ଜଣ କ୍ଷୁଦ୍ର ନାମମାତ୍ର ଚାଷୀ ଓ ଭୂମିହୀନ କୃଷି ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଥିଲା ବୋଲି କୃଷି ମନ୍ତ୍ରୀ ଅରୁଣ ସାହୁ ବିଧାନସଭାରେ ପ୍ରକାଶ କରିଛନ୍ତି । କାଳିଆ ଯୋଜନାରେ ବ୍ୟୟ ସମ୍ପର୍କିତ ବିଜେପି ବିଧାୟକ ନାଉରି ନାୟକଙ୍କ ପ୍ରଶ୍ନର ଉତରରେ କୃଷି ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ ୨୦୧୮-୧୯